# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.23 . No.45, Bhubaneswar Wednesday, March 25, 2020 | ୨୩ତମ ବର୍ଷ ସଂଖ୍ୟା-୪୫ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୫, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ମାନ୍ୟବର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦୁଗ୍ଧ ଚାଷୀ ମହାସଂଘର ପକ୍ଷରୁ ଧନ୍ୟବାଦ

ଭୁବନେଶ୍ୱର, ୨୪।୩(ପି.ଏନ): ବିଗତ ତିନିଦିନ ଧରି ଓମଫେଡ୍ ସମେତ ପ୍ରଗତୀ, ମିଲ୍କମ୍ୟାଁ ଓ ଓଡ଼ିଶା ଡାଏରୀ ପକ୍ଷରୁ ରାଜ୍ୟର ୧୦ ଲକ୍ଷ ଦୁଗ୍ଧ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ ହେଉନଥିଲା। ଏହାଫଳରେ ସେମାନଙ୍କର ଜୀବନ ଜୀବିକା ଏବଂ ଗୋ ମହିଷାଦୀ ସଙ୍କଟ ଭିତରକୁ ଠେଲି ହୋଇ ଯାଇଥିଲା ଦୁଗ୍ଧ ଚାଷୀମାନଙ୍କର ଏହି ସମସ୍ୟା ସମ୍ପର୍କରେ ମହାସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ସେମାନଙ୍କର ସୁରକ୍ଷା ପାଇଁ ଦାବୀ ହେବା ପରେ ଆଜିଠାରୁ ଓମ୍‌ଫେଡ୍ ଏବଂ ଅନ୍ୟ ଡାଏରୀ କମ୍ପାନୀମାନେ କ୍ଷୀର ସଂଗ୍ରହ ଆରମ୍ଭ କରିଛନ୍ତି। ସେଥିପାଇଁ ମାନ୍ୟବର କୃଷି ମନ୍ତ୍ରୀ ଡକ୍ଟର ଅରୁଣ ସାହୁ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ରାଜ୍ୟ ଅଧ୍ୟକ୍ଷ ରବି ବେହେରା କୃତଜ୍ଞତା ଜଣାଇଛନ୍ତି। ସେ ଆଶା ପ୍ରକଟ କରିଛନ୍ତି ଯେ, ଏହି ସଙ୍କଟ ସମୟରେ ଓମ୍‌ଫେଡ୍ ସମେତ ଅନ୍ୟାନ୍ୟ ଡାଏରୀ କମ୍ପାନୀମାନେ ଦୁଗ୍ଧ ସଂଗ୍ରହକୁ ଅବ୍ୟାହତ ରଖିବେ।

## ରାଜ୍ୟରେ ବସ୍ ଚଳାଚଳ ବନ୍ଦ ହେଲା

ଭୁବନେଶ୍ୱର, ୨୪।୩(ପି.ଏନ): କରୋନା ସଂକ୍ରମଣ କୁ ଆଖି ଆଗରେ ରଖି ମଙ୍ଗଳବାର ପୂର୍ବାହ୍ନ ୧୧ ଟା ଠାରୁ ରାଜ୍ୟରେ ସମସ୍ତ ବସ୍ ଚଳାଚଳକୁ ବନ୍ଦ କରି ଦିଆ ଯାଇଛି ।ସେହିପରି ସୋମବାର ରାତି ୧୨ ଟା ଠାରୁ ସମସ୍ତ ସିଟି ବସ୍ ଚଳାଚଳ ବନ୍ଦ ରହିଥିଲା ଉଲ୍ଲେଖନୀୟ ଯେ ମଙ୍ଗଳବାର ଦିନ ୧୧ଟାରୁ ରାଜ୍ୟରେ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିଷ୍ପତି ରାଜ୍ୟ ସରକାର ନେଇଥିଲେ । ରାଜ୍ୟ ସରକାରଙ୍କ କୋଭିଡ୍ - ୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସୋମବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଥିଲେ । ଏହା ପୂର୍ବରୁ ରାଜ୍ୟ ସରକାର ସୋମବାର ଦିନ ଆନ୍ତ ରାଜ୍ୟ ବସ ଚଳାଚଳ ବନ୍ଦ କରି ଦେଇଥିଲେ।

## କଟକଣା ନମାନିଲେ ସିଜ୍ ହେବ ଗାଡି : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୪।୩(ପି.ଏନ): କରୋନା ପାଇଁ ଲାଗୁ ହୋଇଥିବା କଟକଣା ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବାହାନା କରି ଘରୁ ଗାଡ଼ି କାଢ଼ିଲେ ବରଦାସ୍ତ କରାଯିବନି। ସ୍ୱତନ୍ତ୍ର ଆଇନ ବଳରେ ଆବଶ୍ୟକ ହେଲେ ଗାଡି ସିଜ୍ କରାଯିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଚେତାବନୀ ଦେଇଛନ୍ତି। ସେହିକହିଛନ୍ତି ଯେ ସଚେତନ ଦ୍ୱାରା ହିଁ କରୋନାକୁ ରୋକା ଯାଇପାରିବ। କୋରନା ପାଇଁ ରାଜ୍ୟ ସରକାର ପୂରା ୩୦ଟି ଜିଲ୍ଲାକୁ ଲକ୍ ଡାଉନ୍ ଘୋଷଣା କରିଛନ୍ତି। ମଙ୍ଗଳବାର ମଧରାତିରୁ ମାର୍ଚ୍ଚ ୨୯ ଯାଏ ସମସ୍ତ ଜିଲ୍ଲାରେ ଏହି ଲକ୍ ଡାଉନ୍ ରହିବ।



କରୋନା ସମ୍ପର୍କରେ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀଙ୍କ ଗଣମାଧ୍ୟମକୁ ସୂଚନା

# କରୋନା ପାଇଁ ଘୁଂଚିଲା ରାଜ୍ୟସଭା ନିର୍ବାଚନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୩(ପି.ଏନ): ଦେଶରେ କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣ ସ୍ଥିତିକୁ ଆଖି ଆଗରେ ରଖି ବିଭିନ୍ନ ରାଜ୍ୟରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନକୁ ଭାରତର ନିର୍ବାଚନ ଆୟୋଗ (ଇସିଆଇ) ସ୍ଥଗିତ ରଖିଛନ୍ତି। ଭବିଷ୍ୟତର ସ୍ଥିତିକୁ ଦେଖି ପରବର୍ତୀ ସମୟରେ ନିର୍ବାଚନ ତାରିଖ ସ୍ଥିର କରାଯିବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି।ସୂଚନାଯୋଗ୍ୟ ଗତ ଫେବୃଆରୀ ୨୫ ତାରିଖରେ ୧୭ଟି ରାଜ୍ୟର ୫୫ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ପାଇଁ ଇସିଆଇ ଘୋଷଣା କରିଥିଲେ। ଏପ୍ରିଲ ୨୦୨୦ରେ ଏସବୁ ଆସନର କାର୍ଯ୍ୟକାଳ ଶେଷ ହେଉଛି। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅର୍ଥାତ ମାର୍ଚ୍ଚ ୧୮ ସୁଦ୍ଧା ୧୦ଟି ରାଜ୍ୟରେ ୩୭ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତେଣୁ ଆସନ୍ତା ମାର୍ଚ୍ଚ ୨୬ (ଗୁରୁବାର) ଦିନ ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ ଓ ରାଜସ୍ଥାନର ୧୮ଟି ରାଜ୍ୟସଭା ଆସନ ପାଇଁ ହେବାକୁ ଥିବା ନିର୍ବାଚନ ତାରିଖକୁ ଘୁଂଚାଇ ଦିଆଯାଇଛି। ଏସବୁ ରାଜ୍ୟର ରିଟର୍ଣ୍ଣିଂ ଅଫିସରମାନଙ୍କ ଠାରୁ ବର୍ତମାନର ସ୍ଥିତି ସଂକ୍ରାନ୍ତରେ ମିଳିଥିବା ରିପୋର୍ଟ ଆଧାରରେ ଏହି ନିଷ୍ପତି ନିଆଯାଇଛି। ତେଣୁ ମାର୍ଚ୍ଚ ୩୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରିବା ନିମନ୍ତେ ହୋଇଥିବା ଘୋଷଣା ଏବେ ବିଳମ୍ବିତ ହେବ।କୋଭିଡ ୧୯ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଦିଶାନିର୍ଦ୍ଦେଶ ଏବଂ କଟକଣା ଜାରି କରାଯାଇଛି। ସାମାଜିକ ଦୂରତା ରକ୍ଷା କରିବା ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟ ଇତିମଧ୍ୟରେ ଜନ ସମାଗମ ଏଡ଼ାଇବାକୁ ଲକଡାଉନ ଘୋଷଣା କରିଛନ୍ତି। ଦେଶରେ ଟ୍ରେନ ଓ ବିମାନ ସେବାକୁ ବାତିଲ କରି ଦିଆଯାଇଛି। ଡାକ୍ତରଖାନା, ଟେଲିଯୋଗାଯୋଗ ସେବା, ଔଷଧ ଦୋକାନ, ତେଜରାତି ଦୋକାନ ଆଦିକୁ ବାଦ ଦେଲେ ଅନ୍ୟ ସମସ୍ତ କାରବାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସମସ୍ତ ପ୍ରସଙ୍ଗକୁ ଧ୍ୟାନରେ ରଖି ଜରୁରିକାଳୀନ ଜନସ୍ୱାସ୍ଥ୍ୟ ପରସ୍ଥିତି କାରଣରୁ ନିର୍ବାଚନ ପ୍ରକ୍ରିୟାକୁ ଘୁଂଚାଇବା ନିମନ୍ତେ ନିର୍ବାଚନ ଆୟୋଗ ନିଷ୍ପତି ନେଇଛନ୍ତି। ଇସିଆଇଙ୍କ ପକ୍ଷରୁ କୁହାଯାଇଛି ଯେ ନିର୍ବାଚନ ଅନୁଷ୍ଠିତ ହେଲେ ଅଯଥାରେ ନିର୍ବାଚନ ଅଧିକାରୀ, ରାଜନୈତିକ ଦଳର ପ୍ରତିନିଧି, ସହଯୋଗୀ କର୍ମଚାରୀ ଏବଂ ବିଧାନସଭାଗୁଡ଼ିକର ସଦସ୍ୟମାନଙ୍କ ସମାଗମ ହେବ। ଏହା ସଂକ୍ରମଣ ଆଶଙ୍କା ବଢ଼ାଇବ। ଯାହା ଦେଶରେ ବର୍ତମାନ ଦେଖାଦେଇଥିବା ପରିସ୍ଥିତି ଦୃଷ୍ଟିରୁ ଅନୁକୂଳ ନୁହେଁ। ଏହାକୁ ଆଖି ଆଗରେ ରଖି ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୫୩ ଅନ୍ତର୍ଗତ ପ୍ରାପ୍ତ କ୍ଷମତା ଅନ୍ତର୍ଗତ, ଧାରା ୩୦ ଏବଂ ଧାରା ୩୯ର ଉପଧାରା (୧) ଅନୁଯାୟୀ ରାଜ୍ୟସଭା ନିର୍ବାଚନର ଅବଶିଷ୍ଟ ପ୍ରକ୍ରିୟାକୁ ଘୁଂଚାଇ ଦେବା ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତେବେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଘୋଷିତ ପ୍ରାର୍ଥୀଙ୍କ ତାଲିକା ପୂର୍ବପରି ବଳବତର ରହିବ ଏବଂ ପରବର୍ତୀ ସମୟରେ ଅବଶିଷ୍ଟ ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବ। ପରିସ୍ଥିତିକୁ ଧ୍ୟାନରେ ରଖି ଭୋଟ ଗ୍ରହଣ ଏବଂ ଗଣତି ତାରିଖ ପରବର୍ତୀ ସମୟରେ ଘୋଷଣା କରାଯିବ।

# ସାରା ଓଡିଶାରେ ଲକ୍ ଡାଉନ୍

## - କରୋନା ପାଇଁ ଆଉ ୧୬ଟି ଜିଲ୍ଲାରେ ଲକ୍ ଡାଉନ୍ ଘୋଷଣା - ମଙ୍ଗଳବାର ରାତିରୁ ଲାଗୁ ହେବ

ଭୁବନେଶ୍ୱର, ୨୪।୩(ପି.ଏନ): କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କାକୁ ଆଖି ଆଗରେ ରଖି ରାଜ୍ୟ ସରକାର ବଳକା ୧୬ ଟି ଜିଲ୍ଲାରେ ମଧ୍ୟ ଆଜି ରାତ୍ରୀରୁ ଆଗାମୀ ୨୯ମାର୍ଚ୍ଚ ଯାଏ ଲକ ଡାଉନ ଜାରୀ କରିବାକୁ ଘୋଷଣା କରିଛନ୍ତି। ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ସମସ୍ତ ୩୦ ଟି ଜିଲ୍ଲାରେ ଲକ ଡାଉନ କରିବାକୁ ଘୋଷଣା କରା ଯାଇଛି । ରାଜ୍ୟ ସରକାରଙ୍କ କୋଭିଡ-୧୯ର ମୁକାବିଲା କରିବାକୁ ଗଠିତ କମିଟିର ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଆଜି ଲକ ଡାଉନ ଘୋଷଣା କରା ଯାଇଥିବା ଜିଲ୍ଲା ଗୁଡିକ ମଧ୍ୟରେ ମୟୁରଭଂଜ,ବରଗଡ. କେନ୍ଦୁଝର, ଦେବଗଡ, ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ, ଗଜପତି, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନୂଆପଡା, କୋରାପୁଟ, ରାୟଗଡା, ନବରଙ୍ଗପୁର,ମାଲକାନଗିରି ସାମିଲ ରହିଛି। ସେ କହିଛନ୍ତି ଯେ ଲକ ଡାଉନ ସମୟରେ ସମସ୍ତଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦିଆ ଯାଇଛି । ଲକ ଡାଉନ ବେଳେ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ସେ କହିଛନ୍ତି । ଏହି ସମୟରେ ଅତ୍ୟାବଶ୍ୟକୀୟ ସେବାକୁ ଜାରୀ ରହିବ । ଉଲ୍ଲେଖନୀୟ ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ପାଂଚଟି ଜିଲ୍ଲା ତଥା ୮ଟି ସହରରେ ଲକ ଡାଉନ ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଯେଉଁ ଜିଲ୍ଲା ମାନଙ୍କରେ ଲକ ଡାଉନ ଘୋଷଣା କରା ଯାଇଥିଲା ସେଗୁଡିକ ମଧ୍ୟରେ ଖୋର୍ଦ୍ଧା, ଗଞ୍ଜାମ, କଟକ, କେନ୍ଦ୍ରାପଡା ଓ ଅନୁଗୁଳ ଜିଲ୍ଲା ସାମିଲ ଥିଲା । ସେହିପରି ସମ୍ବଲପୁର, ଝାରସୁଗୁଡା, ବ୍ରଜରାଜନଗର ବାଲେଶ୍ୱର, ରାଉରକେଲା, ଭଦ୍ରକ, ପୁରୀ, ଯାଜପୁର ରୋଡ ଏବଂ ଯାଜପୁର ଟାଉନରେ ମଧ୍ୟ ଲକ ଡାଉନ ଘୋଷଣା କରା ଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ଦିନ ରାଜ୍ୟ ସରକାର ଆଉ ୯ ଟି ଜିଲ୍ଲାରେ ଲକ୍ ଡାଉନ୍ ଘୋଷଣା କରିଥିଲେ। ଏହି ଜିଲ୍ଲା ଗୁଡିକ ହେଲା ପୁରୀ, ନୟାଗଡ଼, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ସମ୍ବଲପୁର ଓ ଝାରସୁଗୁଡ଼ା ।

## ମହାରତ୍ନ କମ୍ପାନୀ ଏନଏମଡିସି ଅତିରିକ୍ତ ୧ ହଜାର ଟଙ୍କା ପ୍ରଦାନ ପାଇଁ ନିଷ୍ପତି ନେଇଛି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୩(ପି.ଏନ): କରୋନା ଭାଇରସ ଭଳି ସଂକଟ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ତାଙ୍କ ଅଧୀନରେ ଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ତଥା ଇସ୍ପାତ୍ ମନ୍ତ୍ରଣାଳୟ ଓ ଏହାର ଅନ୍ତର୍ଗତରେ କାମ କରୁଥିବା ଶ୍ରମିକ, ଦିନ ମଜୁରିଆ ଓ ଏସମ୍ବନ୍ଧୀୟ କର୍ମଚାରୀଙ୍କୁ ସହାୟତା ସ୍ୱରୂପ ମହାରତ୍ନ କମ୍ପାନୀ ଜାତୀୟ ଖଣିଜ ବିକାଶ ଉଦ୍ୟୋଗ (ଏନ୍ଏମ୍‌ଡିସି) ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ମହାରତ୍ନ କମ୍ପାନୀ ଏନ୍ଏମ୍‌ଡିସି ଦୈନିକ ମଜୁରୀରେ କାମ କରୁଥିବା ଶ୍ରମିକଙ୍କୁ କରୋନା ମୁକାବିଲା ପାଇଁ ଅତିରିକ୍ତ ୧ ହଜାର ଟଙ୍କା ଦେବା ପାଇଁ ନିଷ୍ପତି ନେଇଛି ବୋଲି ଶ୍ରୀ ପ୍ରଧାନ ଏନଏମଡିସିରେ ରି-ଟ୍ୱିଟ କରି ଜଣାଇଛନ୍ତି । ସେହିପରି କରୋନା ଭାଇରସରୁ ରକ୍ଷା ନିମନ୍ତେ ଏନଏମଡିସି ନିଜର କର୍ମଚାରୀଙ୍କୁ ଦନ୍ତେୱାଡାର ଆଦିବାସୀ ମହିଳାଙ୍କ ସମୂହ ଦ୍ୱାରା ପ୍ରସ୍ତୁତ ମାସ୍କ ଏବଂ ହ୍ୟାଣ୍ଡ୍ ସାନିଟାଇଜର ବଂଟନ କରାଯାଇଛି । ନ୍ଏମ୍‌ଡିସିର ଏହି ନିଷ୍ପତିକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଏନ୍ଏମ୍‌ଡିସିର କର୍ମଚାରୀ ଏବଂ ଅନ୍ୟ ଆବଶ୍ୟକତା ଜିନିଷକୁ ଦନ୍ତେୱାଡାର ଜନଜାତି ମହିଳା ସମୂହଙ୍କ ଦ୍ୱାରା ପ୍ରସ୍ତୁତ ମାସ୍କ ଏବଂ ହ୍ୟାଣ୍ଡ୍ ସାନିଟାଇଜର ବଂଟନ ନିର୍ଣ୍ଣୟ ପ୍ରଶଂସନୀୟ ପଦକ୍ଷେପ । ଏହା ଦ୍ୱାରା ସେମାନଙ୍କ ରୋଜଗାର ବୃଦ୍ଧି ହେବା ସହ ଓ ଏହି ଉଦ୍ୟମ ଦ୍ୱାରା ଦେଶ କରୋନା ଯୁଦ୍ଧରେ ସେମାନଙ୍କୁ ଯୋଡାଯାଇ ଏହି ଅଭିଯାନକୁ ଆହୁରି ମଜବୁତ୍ କରାଯାଇଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ରାଜ୍ୟର ସବୁ ଆହାର କେନ୍ଦ୍ର ବନ୍ଦ

ଭୁବନେଶ୍ୱର, ୨୪।୩(ପି.ଏନ): କରୋନା ମୁକାବିଲା ପାଇଁ ରାଜ୍ୟରେ ଥିବା ସମସ୍ତ ଆହାର କେନ୍ଦ୍ର ଗୁଡିକୁ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। କେବଳ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସମସ୍ତ ସ୍ଥାନରେ ଥିବା ଆହାର କେନ୍ଦ୍ର ଗୁଡିକ ବନ୍ଦ ରହିବ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ବନ୍ଦ ବଳବତର ରହିବ। ସେହିପରି ସବୁ ଜିଲ୍ଲାରେ ଥିବା ପାର୍କ ଗୁଡିକୁ ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ମଙ୍ଗଳବାର ଅତିରିକ୍ତ ସଚିବ ସମସ୍ତ ଜିଲ୍ଲାପାଳ ଏବଂ ଭୁବନେଶ୍ୱର , କଟକ , ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମ୍ୟୁନିସିପାଲଟି କମିଶନରମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପର ହୋଇ ଉଠିଛନ୍ତି । ଲୋକଙ୍କୁ ସଚେତନ କରାଇବା ସହ ପୁରା ରାଜ୍ୟକୁ ଲକଡାଉନ୍ କରିଦିଆଯାଇଛି।

## କମିଶନରେଟ୍ ପୋଲିସ୍ ର ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା ବାତିଲ୍

ଭୁବନେଶ୍ୱର, ୨୪।୩(ପି.ଏନ): କମିଶନରେଟ୍ ପୋଲିସ୍ ପକ୍ଷରୁ ଜାରୀ କରାଯାଇଥିବା ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥାକୁ ବାତିଲ କରାଯାଇଛି। ଜରୁରୀକାଳୀନ ସେବାରେ ଏବେ ଲୋକଙ୍କୁ ପାସ ଦିଆଯିବନି ବୋଲି ପୋଲିସ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାସ୍ତାରେ ଚଳପ୍ରଚଳ ବେଳେ ପରିଚୟ ପତ୍ର ବ୍ୟବହାର କରନ୍ତୁ ।

## କନ୍ଧମାଳ ଜିଲ୍ଲା ପ୍ରଶାସନର ଚେତାବନୀ : ବିନା କାରଣରେ ବାହରକୁ ବାହାରିଲେ ହେବ କାର୍ଯ୍ୟାନୁଷ୍ଠାନ:ଏସପି

କନ୍ଧମାଳ,୨୪।୩(ପି.ଏନ): ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ରାଜ୍ୟରେ ଲକଆଉଟ କୁ କନ୍ଧମାଳ ଜିଲା ପ୍ରଶାସନ ତରଫରୁ ଜିଲାରେ ଲାଗୁ କରାଯାଇଛି । ଏବେ ଘରୁ ଗାଡି କିମ୍ବା ବିନା ଜରିରୀ କାର୍ଯ୍ୟରେ ବାହାରିଲେ ହେବ କାର୍ଯ୍ୟାନୁଷ୍ଠାନ। ନିହାତି ଆବଶ୍ୟକ ଥିଲେ ହିଁ ଜରୁରୀ କାର୍ଯ୍ୟ ଦର୍ଶାଇ କିଛି ସମୟ ପାଇଁ ବାହାରି ପାରିବେ। ତା'ପୁଣି ଅନୁମତି ନେଇ। କେବଳ ମେଡିକାଲ ଓ ମେଡିସିନ ପାଇଁ ହିଁ ପଦାକୁ ଆସିବେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ମଧ କିଣିବା ପାଇଁ ସକାଳୁ ହିଁ ଆସିପାରିବେ। ସକାଳ ୧୦ଟା ଯାଏଁ ହିଁ ପନିପରୀବା , ରାସନ, କ୍ଷୀର, ମାଛ, ମାଂସ କିଣି ନେଇ ଘରକୁ ଯିବେ। ତାପରେ ସବୁ ବନ୍ଦ। ଅଯଥା ବୁଲିଲେ ହେବ କାର୍ଯ୍ୟାନୁଷ୍ଠାନ। ଏଭଳି ନିଷ୍ପତି ନେଇଛି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ। ଗତ ୧୭ରୁ ସମଗ୍ର କନ୍ଧମାଳ ଜିଲ୍ଲାରେ କରୋନା କୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି କରିଥିଲା ପ୍ରଶାସନ ବୋଲି ଲୋକେ ଏତେଟା ଶୁଣିଲେନି। ଦୋକାନ ବଜାର ମଧ ଲୁଚାଇକି ଖୋଲିଲେ। ଆଗରେ ତାଲା ପଛରେ ମେଲା କରି ଚଳାଇଛନ୍ତି ବ୍ୟବସାୟ। ଫଳରେ ଲୋକେ ବାହାରକୁ ଆସି ଗହଳି କରୁଛନ୍ତି। ପୋଲିସ ଅଭିଯୋଗ ପାଇ ଫୁଲବାଣୀ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୪୦ରୁ ଉର୍ଦ୍ଧ୍ୱ ଜଣଙ୍କୁ ଗିରଫ କରିଛି। ଏମାନେ ସବୁ ପ୍ରଶାସନର ୧୪୪ ଧାରା ଅବମାନନା କରିବା ଫଳରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପୋଲିସ କହିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ବ୍ୟାପକ ସଚେତନତା କରାଯାଉଥିଲେ ମଧ ଲୋକେ ଘରେ ନରହି କାମ ବାହାନାରେ ପଦାକୁ ଆସିବା ଫଳରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ପୋଲିସ। ସହରଠୁ ଗାଁ ଯାଏଁ ସମସ୍ତଙ୍କୁ ଦୀର୍ଘଦିନ ଧରି ସଚେତନ କରାଯାଉଥିଲେ ମଧ ଲୋକେ ଜାଣିଶୁଣି ପ୍ରଶାସନର ନିର୍ଦ୍ଦେଶକୁ ମାନୁନଥିବାରୁ ପ୍ରଶାସନ ଆଜିଠୁ କଡା ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି। ସରକାର ଆଜିଠୁ ଲକ୍ ଡାଉନ ଘୋଷଣା କରିଛନ୍ତି। ଗାଡିମଟର ଚଳାଚଳ ମଧ ବନ୍ଦ ରହିଥିବା ବେଳେ ସହରରେ କିମ୍ବା ଜିଲ୍ଲା ମଧରେ ଗାଡି ଚଳାଚଳ ଉପରେ କଟକଣା ଲାଗିଛି। ଗାଡି ଚଳାଇବାକୁ ହେଲେ ପୋଲିସ ବା ନିକଟସ୍ଥ ଥାନାରୁ ପାସ ଆଣି ଗାଡି ବାହାର କରିବାକୁ ପଡିବ। ନଚେତ୍ ପୋଲିସ ଗାଡି ଜବତ କରିବାସହ ଗିରଫ କରିବ। ଲୋକଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବା ଲାଗି ପ୍ରଶାସନ ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଥିବା ଜଣାପଡିଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହା ଲାଗୁ ରହିବ ବୋଲି ଆଜି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଏକ ବିବୃତି ଜାରୀ କରିଛନ୍ତି ।











## ଟି ଟାଇମ୍

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# କରୋନା ଭୂତାଣୁର କାୟା



କରୋନା ଭାଇରସ ସମଗ୍ର ବିଶ୍ୱରେ ଚିନ୍ତା ବଢ଼ାଇ ଦେବା ସଙ୍ଗେ ସଙ୍ଗେ ଏହା ମହାମାରୀର ରୂପ ନେବା ସହ ଆଶଙ୍କା ବଢ଼ାଇଦେଲାଣି। ଏହା ଏକ ପ୍ରଜାତିର ଭାଇରସ ଯାହାକି ମଣିଷ ସହ ବିଭିନ୍ନ ପଶୁ, କୁକୁର, ଗୋରୁଗାଈ କୁକୁଡ଼ା, ଘୁଷୁରି, ମୂଷା ଓ ସାପ ଆଦିଙ୍କ ଦେହରେ ପ୍ରବେଶ କରି ସେମାନଙ୍କ ଦେହରେ ନିଜର ବଂଶ ବଢ଼ାଇଥାଏ। ଯାହାକୁ ଆରଏନ୍ଏ ବା ରାଇବୋ ନ୍ୟୁକ୍ଲିକ୍ ଏସିଡ଼କୁ ବଞ୍ଚାଇଥାଏ। ଏହା ଯାହାଙ୍କ ଦେହରେ ପ୍ରବେଶ କରେ ତାଙ୍କ ଶରୀର କୋଷିକା ଭିତରକୁ ଯାଇ ଏହା ସଂକ୍ରମିତ କରେ। ବର୍ତ୍ତମାନର ୨୦୧୯ ଏନ୍‌ସିଓଭି ବା ନୋବେଲ କରୋନା ପୂର୍ବରୁ ଛଅଟି କରୋନା ଭାଇରସ ସମ୍ପର୍କରେ ଜଣାଥିଲା। ତାହା ଭିତରୁ ଚାରୋଟି ମଣିଷ ଦେହରେ ସାମାନ୍ୟ ଥଣ୍ଡାଜନିତ ସମସ୍ୟା ବଢ଼ାଇ ଦିଏ। କିନ୍ତୁ ୨୦୦୨ ପରେ ଆଉ ଦୁଇଟି ଘାତକ କରୋନା ଭାଇରସର ସନ୍ଧାନ ମିଳିଥିଲା ଯାହା ଯୋଗୁଁ ମଣିଷର ଜୀବନ ଅକାଳରେ ବି ଚାଲିଯାଇପାରେ। ଏହି ଦୁଇଟି ଭାଇରସ ଅତ୍ୟନ୍ତ ମାରାତ୍ମକ ଯାହାକି ମଣିଷ ଶରୀରରେ ସିଭିୟର ଆକ୍ୟୁଟ ରେସପିରଟୋରି ସିଣ୍ଡ୍ରୋମ (ସାର୍ସ) ଏବଂ ମିଡିଲ ଇଷ୍ଟ ରେସପିରାଟୋରି ସିଣ୍ଡ୍ରୋମ ପରି ରୋଗ ସୃଷ୍ଟି କରିଥାଏ। ଷାଠିଏ ଦଶକରେ ପ୍ରଥମଥର ଭାବରେ ଚିହ୍ନଟ ହୋଇଥିବା ଏହି ମାରାତ୍ମକ ଭୂତାଣୁର ଶିକାର ହୋଇ ଏଯାବତ୍ ସମଗ୍ର ବିଶ୍ୱରେ ୮୫୮ ଜଣ ଲୋକଙ୍କ ଜୀବନ ନେଲାଣି। ଚୀନର ବିଶେଷଜ୍ଞମାନେ ଏହି ଭାଇରସର ଜେନେଟିକ୍ କୋଡକୁ ଚିହ୍ନଟ କରି ତାକୁ ସାର୍ବଜନୀନ କରିବା ଦ୍ୱାରା ବିଭିନ୍ନ ଦେଶର ଚିକିତ୍ସକମାନେ ଏହାକୁ ବ୍ୟବହାର କରି ଏହି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଏହାର ଚିକିତ୍ସା ସମ୍ବନ୍ଧରେ ବିଶେଷ ଜାଣିବାର ଅବକାଶ ସୃଷ୍ଟି କରିଛନ୍ତି। ତେବେ ଏହି ଭାଇରସ ଯୋଗୁଁ ହେଉଥିବା ରୋଗର ଲକ୍ଷଣ କିଛି ଦିନ ପରେ ପ୍ରକାଶ ପାଉଥିବାରୁ ତୁରନ୍ତ ଏହାକୁ ଚିହ୍ନଟ କରିବା କଷ୍ଟକର। ଏହି ଭାଇରସର ଚିକିତ୍ସା ପାଇଁ କୌଣସି ଟୀକା କିମ୍ବା ଔଷଧ ଏପର୍ଯ୍ୟନ୍ତ ବାହାରିନାହିଁ। ତେଣୁ ଏହାର ପ୍ରତିକାର ବା ମୂଳୋତ୍ପାଟନ ପାଇଁ କେବଳ ଆଣ୍ଟିବାୟୋଟିକ ଦେଇ ଏହି ଭାଇରସକୁ ନଷ୍ଟ କରାଯାଇପାରିବ ନାହିଁ। କେବଳ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରି ଏହାକୁ କେତେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ତେବେ ଏହାର ବିଳମ୍ବିତ ପ୍ରତିକାର ପାଇଁ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲିଯାଇସାରିଥିବାର ଆଶଙ୍କା ମଧ୍ୟ ସୃଷ୍ଟି ହେଲାଣି। ଡାକ୍ତରମାନେ ରୋଗୀର ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କୁ ପ୍ରୋଟେକ୍ଟିଭ ଗିୟର ପିନ୍ଧିବା ପାଇଁ ପଡୁଛି। ଚୀନର ଅଭିଜ୍ଞ





ଗବେଷକ ବୈଜ୍ଞାନିକମାନେ ମାରାତ୍ମକ କରୋନା ଭାଇରସ ଉପରେ ତତ୍କାଳ ଓ ବ୍ୟାପକ ଗବେଷଣା ଜାରି ରଖିଛନ୍ତି। ଇଲେକ୍ଟ୍ରୋନିକ ମାଇକ୍ରୋସ୍କୋପ ଦ୍ୱାରା ଉଠାଯାଇଥିବା ଏକ ଫଟୋକୁ ଚୀନର ନ୍ୟାସନାଲ ମାଇକ୍ରୋବାୟୋଲୋଜି ଡାଟା ସେଣ୍ଟର ଦ୍ୱାରା ସାର୍ବଜନୀନ କରାଯାଇଛି। ଜଣେ ରୋଗୀଠାରୁ ସଂଗୃହୀତ ନମୂନାରୁ ଏହି ଫଟୋ ସଂଗ୍ରହ କରାଯାଉଛି। କରୋନା ଭାଇରସ ଚୀନରୁ ଆସୁଥିବାରୁ ଚୀନ ପରି ଏକ ସ୍ୱାସ୍ଥ୍ୟ ବିକଶିତ ରାଷ୍ଟ୍ର ଏହାପାଇଁ ପଦକ୍ଷେପ ଯଥେଷ୍ଟ ପୂର୍ବରୁ ଗ୍ରହଣ କରିସାରିଛି ଯେପରି ବାୟୋସେଫ୍ଟି ଲେବଲ-୪ ଲାବ୍ ୨୦୧୮ ଜାନୁଆରୀରେ ଚୀନ ସ୍ଥାପନ କରିଛି ଯେଉଁଠାରେ କରୋନା ଓ ସାର୍ସ ପରି ଅତ୍ୟନ୍ତ ଭୟାନକ ଭାଇରସ ଉପରେ ଗବେଷଣା ଚାଲିଛି। ତେବେ ପାଶ୍ଚାତ୍ୟ ରାଷ୍ଟ୍ରର କିଛି ଗବେଷକମାନେ ଚୀନ ଉପରେ ଆଶଙ୍କା ବ୍ୟକ୍ତ କରି ମତ ଦେଇଛନ୍ତି ଯେ ଚୀନର ଏକ ଜୈବିକ ଅସ୍ତ୍ରାଗାରରୁ ଏହି ଭାଇରସ ଲିକ୍ ହୋଇଛି। ଅସଲରେ ଚୀନ ଅତ୍ୟନ୍ତ ମାରାତ୍ମକ ସୂକ୍ଷ୍ମ ଜୀବକୁ ଜୈବିକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚାହୁଁଛି। ଯାହାକି ତାହାର ତଥାକଥିତ ଶତ୍ରୁ ଶକ୍ତି ରାଷ୍ଟ୍ର ଉପରେ ପ୍ରୟୋଗ କରି ମହାମାରୀ ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି। ଯାହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁବରଣ କରିବା ଦ୍ୱାରା ସେ ରାଷ୍ଟ୍ର ଏକପ୍ରକାର ଚୀନ ଆଗରେ ନତମସ୍ତକ ହେବ। ସେହିପରି ଏହି ଭାଇରସ କୋଟି କୋଟି ଟଙ୍କା ମୂଲ୍ୟର ଫସଲ ନଷ୍ଟ କରିବାର ମଧ୍ୟ ଶକ୍ତି ରଖିଛି। ଯଦିଓ ଏହା ଗବେଷଣାସାପେକ୍ଷ କିନ୍ତୁ ଏହା ସତ୍ୟ ହୋଇଥିଲେ ଅତ୍ୟନ୍ତ ସାଙ୍ଘାତିକ। ଘରେ ରହୁଥିବା ବିଲେଇ, ବାଦୁଡ଼ି, ଓଟ ସହିତ ଅନ୍ୟାନ୍ୟ କିଛି ପଶୁଙ୍କ ଶରୀରରେ ଏହି ଭୂତାଣୁ ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି। ସଂକ୍ରମିତ ହେବାର ପ୍ରାଥମିକ ଲକ୍ଷଣ କେବଳ ନିଃଶ୍ୱାସ ପ୍ରଶ୍ୱାସର ଯନ୍ତ୍ରଣା ନୁହେଁ, ଜ୍ୱର, କାଶ ଓ ଗଳାରେ ଯନ୍ତ୍ରଣା ଦେଖାଯାଇଥାଏ। ବେଳେବେଳେ ପରବର୍ତ୍ତୀ ସମୟରେ ଏହାର ପ୍ରକୋପ ବଢ଼ି ନିମୋନିଆରେ ପରିଣତ ହୋଇ କିଡ଼ନୀ ଓ ଲିଭର ମଧ୍ୟ କ୍ଷତି ପହଞ୍ଚାଇଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା କିଡ଼ନୀ ଓ ଲିଭର ଆକ୍ରାନ୍ତ ହେବାପରେ ଏହା କେତେକ କ୍ଷେତ୍ରରେ ଶରୀରର ନ୍ୟୁରୋ ସିଷ୍ଟମକୁ ପ୍ରଭାବିତ କରିଥାଏ। ପାରିପାର୍ଶ୍ୱିକ ସମସ୍ୟା ଭାବେ ଏହା ସମଗ୍ର ଶରୀରକୁ ଅସ୍ତବ୍ୟସ୍ତ କରିପକାଏ। କ୍ଷୁଧାହୀନତା, ବଦହଜମୀ, ଆମ୍ବିଳା ଢ଼କାର ଓ ପେଟରେ ଯନ୍ତ୍ରଣା ଅନୁଭୂତ ହୁଏ। ଏହା ସହ ମୁମୂର୍ଷୁ ଜଣଙ୍କ ମୁଣ୍ଡବିନ୍ଧା ସହ ଛାତିବିନ୍ଧା, ଛିଙ୍କିବା ଓ କାଶ ହୁଏ। ଭୂତାଣୁ ସଂକ୍ରମିତ ରୋଗୀ ପାଖରେ ରହୁଥିବା ଚିକିତ୍ସକ, ସ୍ୱାସ୍ଥ୍ୟ ସହାୟକ ଓ ଅନ୍ୟକର୍ମଚାରୀମାନେ ମାସ୍କ ବ୍ୟବହାର ସହ ଔଷଧୀୟ ଗୁଣସମ୍ପନ୍ନ ପଦାର୍ଥ ଦ୍ୱାରା ଭଲଭାବେ ହାତ ଧୋଇବା ଜରୁରୀ। ନିଶାଦ୍ରବ୍ୟ ସେବନ କରୁଥିବା, ମଦ୍ୟପାନ କରୁଥିବା ଓ ବଜାରରେ ଫାଷ୍ଟଫୁଡ ଖାଉଥିବା, କେତେକ କ୍ଷେତ୍ରରେ ସାମୁଦ୍ରିକ ମାଛ ଓ କଙ୍କଡା ଆଦି ଖାଉଥିବା ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଘରୋଇ ପଶୁ ହୁଅନ୍ତୁ ବା ବନ୍ୟଜନ୍ତୁଙ୍କ ସମ୍ପର୍କରେ ଆସୁଥିବା କିମ୍ବା ପଶୁମାନଙ୍କ ମାଂସ ଭକ୍ଷଣ କରୁଥିବା ଲୋକମାନଙ୍କ ପାଇଁ ଏହା ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନା ରହିଛି। କେବଳ ସେତିକି ନୁହେଁ କୁକୁଡ଼ା, ବାଦୁଡ଼ି, ସି ଫୁଡ୍, ସାପ ଓ ମଇଁସି ମାଂସ କ୍ରୟବିକ୍ରୟ ହେଉଥିବା ବା ପ୍ରସ୍ତୁତି ହେଉଥିବା ସ୍ଥାନରେ ମଧ୍ୟ ଏହି ଭୂତାଣୁ ସଂକ୍ରମଣର କାୟା ବଢ଼ାଇ ଦେବାର କ୍ଷମତା ରଖିଛି। ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଥିବା କରୋନା ଭୂତାଣୁ ଓଡ଼ିଶାରେ ଯେପରି ତାର କାୟା ବିସ୍ତାର ନକରିବ ତାହା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅତ୍ୟନ୍ତ ଗୁରୁତର ସହ ତତ୍ପର ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା ରହିବା ସହ ହସ୍ପିଟାଲରେ ଆଇସୁଲେସନ ୱାର୍ଡ଼ ମଧ୍ୟ ପ୍ରସ୍ତୁତ କରାଯାଇଛି। ମାଲେସିଆରେ ଏହି ଭୂତାଣୁ ସଂକ୍ରମଣର ଭୟ ରହିଥିବାରୁ ଓ ଭୁବନେଶ୍ୱରରୁ ମାଲେସିଆ ସିଧାସଳଖ ବିମାନ ଯୋଗାଯୋଗ ବ୍ୟବସ୍ଥା ରହିଥିବାରୁ ସରକାର ଏହି ବିମାନ ଯାତ୍ରୀ ମାନଙ୍କୁ ପ୍ରାଥମିକତା ଭାବରେ ପରୀକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି। ସେହିପରି ସତର୍କତାମୂଳକ ପଦକ୍ଷେପ ଭାବେ ଚୀନରୁ ଏକ ମାସ ତଳୁ ଆସିଥିବା ଯାତ୍ରୀମାନଙ୍କ ତଥ୍ୟ ସଂଗ୍ରହ ସହ ଝାରସୁଗୁଡ଼ାରେ ଥିବା ପାୱାର ପ୍ଲାଣ୍ଟରେ ଚୀନର ନାଗରିକମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଦୃଷ୍ଟି ରଖାଯାଇଛି। ସରକାର ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲିବା ସହ କଟକସ୍ଥିତ ବଡ଼ମେଡ଼ିକାଲ, ବୁର୍ଲାର ଭୀମସାର ଓ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଭୂତାଣୁ ରୋଗୀ ମାନଙ୍କ ପାଇଁ ଆଇସ୍ୟୁଲେସନ ୱାର୍ଡ଼ ଖୋଲିବା ସହ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଓଡ଼ିଶାରେ କରୋନା ଭୂତାଣୁ ପଜିଟିଭ ଆସିବାର ଆଶଙ୍କା ଯଥେଷ୍ଟ କମ୍ ରହିଛି। ଓଡ଼ିଶାର ଏକ ଅଭିଜ୍ଞ ଡାକ୍ତରୀ ଗ୍ରୁପ୍ ପୂର୍ବରୁ ଏ ନେଇ ନୂଆ ଦିଲ୍ଲୀରୁ ତାଲିମ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା ଭୂତାଣୁ ପରୀକ୍ଷା ପାଇଁ ଟେଷ୍ଟିଂ କିଟ୍ ନଥିବାରୁ ଏହା ଖୁବ୍ ଶୀଘ୍ର ଆରଏମ୍ ଆରସିରେ ଉପଲବ୍ଧ ହେବାର ଆଶା କରାଯାଉଛି। ସେହିପରି ପାରାଦ୍ୱୀପ ବନ୍ଦରରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଉଛି। ବନ୍ଦର ଭିତରୁ ବାହାରକୁ ଆସୁଥିବା ପ୍ରତ୍ୟେକ ବିଦେଶୀ ନାଗରିକଙ୍କ ଯାଞ୍ଚ ପାଇଁ ବ୍ୟବସ୍ଥା ରଖାଯିବା ସହ କଟକ ବଡ଼ମେଡ଼ିକାଲର ଚକ୍ଷୁ ବିଭାଗର ଚତୁର୍ଥ ମହଲାରେ ସ୍ୱତନ୍ତ୍ର ଭାବେ ଚାଳିଶଟି ଶଯ୍ୟା ଓ ଆଠଟି ଆଇସିୟୁ ଶଯ୍ୟା ରିଜର୍ଭ କରାଯାଇଛି। କଟକ ବଡ଼ମେଡ଼ିକାଲରେ ଏହି ରୋଗୀମାନଙ୍କ ଚିକିତ୍ସା ପାଇଁ ମେଡ଼ିସିନ, ଛାତି ରୋଗ ଓ ଯକ୍ଷ୍ମା, ନିଶ୍ଚେତକ ବିଭାଗ ଏହି ତିନୋଟି ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍, ଷ୍ଟାଫ୍ ନର୍ସ ଓ ପାରା ମେଡ଼ିକାଲ କର୍ମଚାରୀଙ୍କ ସହ ସରକାର ପର୍ଯ୍ୟାପ୍ତ ଔଷଧର ବ୍ୟବସ୍ଥା ରଖିଛନ୍ତି।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ୯୦ରେ ପାଦ ଥାପିଲେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ



ଭୁବନେଶ୍ୱର (ପିଏନ୍): ଭାରତବର୍ଷର ପ୍ରଖ୍ୟାତ ଭାଷାତତ୍ତ୍ୱବିତ୍ ତଥା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେବାର ମୁଖ୍ୟନାୟକ, ପଦ୍ମଶ୍ରୀ ପ୍ରଫେସର ଡଃ ଦେବୀପ୍ରସନ୍ନ ପଟ୍ଟନାୟକ ୯୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ଏକ ଉଚ୍ଚକୋଟିର ସ୍ମାରକ ପୁସ୍ତକ ଲୋକାର୍ପଣ ହୋଇଛି। ଗତକାଲି ପୂର୍ବାହ୍ନରେ ତାଙ୍କ ଜାଗମରାସ୍ଥିତ ଭକ୍ତ ମଧୁସୂଦନ ନଗର ବାସଗୃହରେ ବହୁ ବିଶିଷ୍ଟ ବ୍ୟକ୍ତି ଡଃ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଜନ୍ମଦିନର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଡଃ ପଟ୍ଟନାୟକ ଉପସ୍ଥିତ ବନ୍ଧୁମାନଙ୍କୁ କହିଲେ ଯେ, ଜନ୍ମଦିନ ପାଳନ ଆମ ସଂସ୍କୃତିର ହଜାର ବର୍ଷର ପରମ୍ପରା। ମୁଁ ଗୋଟିଏ ଏପରି ପରିବାରରୁ ଆସିଛି ମୋ ପରିବାର ମୋତେ ଶିକ୍ଷା ଦେଇଛି ସବଧର୍ମ ସମଭାବ। ପାଞ୍ଚହଜାର ବର୍ଷ ପୂର୍ବରୁ ଆମ ଋଷି 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ମହାବୋଧି ସମିତି ଓଡ଼ିଶା ଶାଖା ପକ୍ଷରୁ ଡଃ ବିମଳେନ୍ଦୁ ମହାନ୍ତି, ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ପଦ୍ମଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦୁଷ୍କର୍ମ ଅଭିଯୁକ୍ତଙ୍କୁ ତୁରନ୍ତ ଫାଶିଦଣ୍ଡ ଦାବିରେ ସମାଜସେବୀ ମହାସଂଘ ତରଫରୁ ଗଣଧାରଣା

ଭୁବନେଶ୍ୱର (ପିଏନ୍): ନିର୍ଭୟା କେସ୍‌ରେ ତାରିଖ ପରେ ତାରିଖ ଘୁଞ୍ଚିବା ଫଳରେ ଦୁଷ୍କର୍ମ ଭଳି ଜଘନ୍ୟକାଣ୍ଡ ଭିଆଇବାର ମାନସିକତା ରଖୁଥିବା ବ୍ୟକ୍ତିଙ୍କର ସାହସ ଦିନକୁ ଦିନ ବଢିବାରେ ଲାଗିଛି। ଆମ୍ଭ ଭାରତୀୟ ଆଇନ୍ ଦୁଷ୍କର୍ମକାରୀମାନଙ୍କ ପାଇଁ କିଛି ମାତ୍ରାରେ ପରିବର୍ତ୍ତନ କରି ଆଇନ୍‌କୁ କଡ଼ାକଡ଼ି କରାଯାଉ ଓ ଦୁଷ୍କର୍ମ ଅଭିଯୁକ୍ତମାନଙ୍କୁ ତୁରନ୍ତ ଫାଶିଖୁଣ୍ଟରେ ଝୁଲାଇ ଦିଆଯାଉ। ଏହି ଦାବି ନେଇ ଓଡ଼ିଶା ସମାଜସେବୀ ମହାସଂଘ ନେତୃତ୍ୱରେ ୬୦ରୁ ଉର୍ଦ୍ଧ୍ୱ ସାମାଜିକ ସଂଗଠନ ଓ ସାମାଜିକ କର୍ମୀମାନେ ଏକ ହୋଇ ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଥିଲେ। ମହାସଂଘର ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ ଯେ, ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ଆଜି ସମ୍ପୂର୍ଣ୍ଣ ନାରୀଜାତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗତି କରୁଛି। ନିର୍ଭୟା ପରି ଆଉ ବଡ଼ ବଡ଼ ଦୁଷ୍କର୍ମ ନହେଉ, ଏଥିନିମନ୍ତେ ସରକାର ଏକ ସ୍ୱତନ୍ତ୍ର ଆଇନ୍‌ର ବ୍ୟବସ୍ଥା କରିବା ଦରକାର। ଯେମିତି ଦୁଷ୍କର୍ମ ଅଭିଯୁକ୍ତଙ୍କୁ ତୁରନ୍ତ ଫାଶିଖୁଣ୍ଟରେ ଝୁଲାଇ ଦିଆଯାଇପାରିବ, ତେବେ ଯାଇ ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧକୁ ରୋକାଯାଇପାରିବ। ଏହି ଗଣଧାରଣାରେ ବିଶିଷ୍ଟ ସାମାଜସେବୀ ସସ୍ମିତା ଦାସ, ମନସ୍ମିତା ଜେନା, ବାପି ମହାନ୍ତି, ବନ୍ଦନା ଶ୍ରୀଚନ୍ଦନ, ବିନ୍ଦାସ ଚିନୁ, ମୋନାଲିସା ରଥ, ଜ୍ୟୋସ୍ନାମୟୀ ପାତ୍ର, ନମିତା ପାଲ, ରିତୁରାଣି ସାସମଲ, ପ୍ରଶାନ୍ତ ସାହୁ, ସ୍ମିତା ପତି, ଲୋରା ମହାପାତ୍ର, ତନୁଶ୍ରୀ ବେହେରା, ସ୍ନିଗ୍ଧା ମହାନ୍ତି, ରୋମା ଦାସମହାପାତ୍ର, ଧୀରେନ ରାଉତରାୟ, ସଞ୍ଜୟ ପରିଡ଼ା, ବିନ୍ଦୁଶ୍ରୀ ଖଣ୍ଡାୟତ, ସମିତା ମହାରଣା, ଉଷା ନାୟକ, ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ, ଶିବୁ ପଟ୍ଟନାୟକ, ବାସୁ ଦାସ, ଦେବାଶିଷ ମହାନ୍ତି, ଦୀପକ ବାରିକ, ଲଗ୍ନାଦୀପା ମିଶ୍ର, ମମତା ମହାପାତ୍ର, ଅରବିନ୍ଦ ତ୍ରିପାଠୀ, ସିଲୁ ଭାଇ, ସାନୁ ବଳିୟାରସିଂ, ନିରଞ୍ଜନ ସାହୁ, ମାନସ ରଞ୍ଜନ ସାହୁ, ବିକାଶ ବେହେରା, ସନ୍ଧ୍ୟାରାଣି ବିଶୋଇ, ଶିବ ଶଙ୍କର ଡ଼ାକୁଆ, ବବିତା ବେହେରା, ଅରୁଣ କୁମାର ଜେନା, ସୁରେଶ ମାଝୀ, ପ୍ରଶାନ୍ତ କୁମାର ପ୍ରହରାଜ, ସ୍ୱାଧୀନ କୁମାର ପାତ୍ର, ଚନ୍ଦନ ପତି, ବିମଳ କୁମାର ରାଉତ, ପ୍ରହ୍ଲାଦ ମହାରଣା, ସୋନି କିନ୍ନର, ପୂଜା ପ୍ରିୟଦର୍ଶିନୀ ସାହୁ, ଜମ୍ମେଶ୍ୱର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କୃତଜ୍ଞତା ଜ୍ଞାପନ କରିଥିଲେ ମହାସଂଘର ମୁଖପାତ୍ର ପ୍ରସନ୍ନ ପାଣି।

# ସ୍ୱିରେଜ ବୋର୍ଡ ସଭ୍ୟ ସଚିବଙ୍କୁ କଂଗ୍ରେସ ପ୍ରତିନିଧି ଦଳର ସାକ୍ଷାତ

ରାଉରକେଲା (ପିଏନ୍): ରାଉରକେଲା ସହରରେ ଗତ ୩ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ସ୍ୱିରେଜ ୱାଟର ଟ୍ରିଟ୍‌ମେଟ୍ ପ୍ଲାଣ୍ଟ ଓ ପାଇପ୍ ବିଛା କାର୍ଯ୍ୟନେଇ ରାଉରକେଲା କଂଗ୍ରେସ ତରଫରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଗତ ୧୨ ତାରିଖରେ ଓଡ଼ିଶା ଜଳ ଯୋଗାଣ ଓ ସ୍ୱିରେଜ ବୋର୍ଡର ସଭ୍ୟ ସଚିବ ଇଂ. ଦ୍ୱୀପାୟନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତ କାଳରେ କଂଗ୍ରେସ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ନିର୍ମାଣାଧିନ ଏହି ପ୍ରକଳ୍ପରେ ବ୍ୟାପକ ଦୁର୍ନିତି ଯୋଗୁଁ କିପରି ସହରବାସୀ ହନ୍ତସନ୍ତ ହେଉଛନ୍ତି ତାହା ବିଶଦ ଭାବେ ଅବଗତ କରାଇଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଭେଟିଥିବା ପ୍ରତିନିଧି ଦଳ ସଦସ୍ୟମାନେ ପାଇପ୍ ଲାଇନ୍ ବିଛା କାର୍ଯ୍ୟ ଓ ରାସ୍ତା ତଥା ଚାମ୍ବର ନିର୍ମାଣ କାର୍ଯ୍ୟରେ ହୋଇଥିବା ତ୍ରୁଟିବିଚ୍ୟୁତି ଏବଂ ଅସଂଗତି ବାବଦରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ରାସ୍ତାକୁ ଖୋଳିଦେଇ ପାଇପ୍ ବିଛାଇବା ପରେ ଉକ୍ତ ରାସ୍ତାକୁ ଯାତାୟାତ ଉପଯୋଗୀ କରାଯାଉନଥିଲା ବେଳେ କେତେକ ଜାଗାରେ ରାସ୍ତାକୁ ଖୋଳି ଦୀର୍ଘଦିନ ଧରି ଛାଡି ଦିଆଯାଉଛି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ସେହିପରି କେତେକ ଜାଗାରେ ନିର୍ମିତ ଚାମ୍ବର ରାସ୍ତା ସ୍ତରରୁ ନିଚା ରହୁଥିଲା ବେଳେ କେତେକ ସ୍ଥାନରେ ରାସ୍ତା ସ୍ତରରୁ ଉଚ୍ଚାକରି ଛାଡି ଦିଆଯାଉଛି, ଯାହାକି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବୋଲି କହିଥିଲେ। ଆହୁରି ମଧ୍ୟ ଗାଡ଼ ଭରିଲାବେଳେ ଆବଶ୍ୟକୀୟ ଚିପ୍ସ ଓ ବାଲି ଦିଆଯାଉନଥିବାରୁ ଖୁବ୍ କମ୍ ସମୟରେ ନିର୍ମିତ ରାସ୍ତା ଦବିଯାଇ ଯାନବାହନ ଚଳାଚଳରେ ଗୁରୁତର ଅସୁବିଧା ଉପୁଜୁଛି। ଶତାଧିକ ଛୋଟ ଠିକାଦାରଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଏହି ଠିକା ସଂସ୍ଥା ଏଲଏଣ୍ଡଟି ସଂପୃକ୍ତ ଠିକାଦାରମାନଙ୍କୁ ଠିକଣା ସମୟରେ ବିଲ୍ ପେମେଣ୍ଟ କରୁନାହିଁ। ଯେଉଁଥିପାଇଁ ନିର୍ମାଣାଧିନ କାର୍ଯ୍ୟ ଆଗେଇପାରୁନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ। ମୂଳ ଠିକା ସଂସ୍ଥା ଏଲଏଣ୍ଡଟି ଯେପରି ବେପରବାୟ ଭାବେ ଏହି ପ୍ରକଳ୍ପ ନିର୍ମାଣ କରୁଛି ୩ବର୍ଷ ପରିବର୍ତ୍ତେ ୬ବର୍ଷ ଲାଗିବ ବୋଲି ପ୍ରତିନିଧିଦଳ ଏହି ଅବସରରେ ପ୍ରକାଶ କରିଥିଲେ। ତେବେ ସଭ୍ୟ ସଚିବ ଶ୍ରୀ ପଟ୍ଟନାୟକ ସମସ୍ତ ବିଷୟ ଧୈର୍ଯ୍ୟର ସହିତ ଶୁଣି ତ୍ରୁଟିବିଚ୍ୟୁତିକୁ ଦୂର କରାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ଉନ୍ନତ କରାଯିବ ବୋଲି ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ବରିଷ୍ଠ ନେତା କୀର୍ତ୍ତନ ଦାସ, ବିଜୟ ଆପଟ, ଯୁବନେତା ସରୋଜ ମହାନ୍ତି ଓ ରତିକାନ୍ତ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗନେଇଥିବା ବେଳେ ସ୍ଥାନୀୟ ସ୍ୱିରେଜ ବୋର୍ଡର ପ୍ରକଳ୍ପ ଯନ୍ତ୍ରୀ ଇଂ. ପି.କେ. ଦେ ଓ ଏଲ୍ଏଣ୍ଡଟିର ପ୍ରକଳ୍ପ ମ୍ୟାନେଜର ଶ୍ରୀ ରାଜ ଭାଲେ ଉପସ୍ଥିତ ଥିଲେ।

# ଶ୍ରୀ ସତ୍ୟସାଇ ସ୍ମରଣମ୍



ପ୍ରାୟ ପାଞ୍ଚ ହଜାର ବର୍ଷରୁ ଅଧିକ ହେଉଛି ଭାରତୀୟ ସଭ୍ୟତା ଓ ସଂସ୍କୃତି। ଭାରତୀୟମାନଙ୍କର ଭାଷା, ପୋଷାକ, ଖାଦ୍ୟପେୟ, ଆଚାର, ବ୍ୟବହାର, ଜୀବନଶୈଳୀ, ପରମ୍ପରା, ଉପାସନା ଓ ଧାର୍ମିକ ବିଚାରରେ ବିଭିନ୍ନତା ପରିଲକ୍ଷିତ ହୋଇଥିଲେ ବି ଏହି ବିବିଧତା ମଧ୍ୟରେ ଏକତା ପରିଲକ୍ଷିତ ହୁଏ। ଏହାର କାରଣ ପ୍ରତ୍ୟେକ ଭାରତୀୟ ମଧ୍ୟରେ ତାର ଜ୍ଞାତ ବା ଅଜ୍ଞାତରେ ଆଧାତ୍ମିକତା ରହିଛି। ଏହି ଭାବନାର ଅଭାବ ହେଲେ ବା ଏହି ଚେତନାର କ୍ଷୟ ହେଲେ ଏହାକୁ ଉଜ୍ଜୀବିତ କରିବା ପାଇଁ ଏହି ପବିତ୍ର ଭୂମିରେ ସମୟାନୁକ୍ରମେ ସାଧୁ, ସନ୍ଥ, ସନ୍ନ୍ୟାସି, ଆଧାତ୍ମିକ ଗୁରୁ ବା ସ୍ୱୟଂ ଭଗବାନ ଅବତରଣ କରିଥାନ୍ତି। ସେମାନେ ତାଙ୍କର କାବ୍ୟ, କାର୍ଯ୍ୟ କିମ୍ବା ଚିନ୍ତା ମାଧ୍ୟମରେ ପ୍ରତି ମାନବକୁ ମାଧବ ଆଡ଼କୁ ଯିବା ପାଇଁ ପ୍ରେରଣା ଦିଅନ୍ତି-ପଥ ପ୍ରଦର୍ଶକ ହୁଅନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ପୁଟ୍ଟପର୍ତ୍ତିରେ ୧୯୨୬ ମସିହାରେ ନଭେମ୍ବର ମାସ ୨୩ ତାରିଖରେ ଅବତରଣ କରିଥିବା ଭଗବାନ ଶ୍ରୀ ସତ୍ୟସାଇଙ୍କର ବିଷୟରେ ଏହି ଲେଖାରେ ବର୍ଣ୍ଣନା କରିବା ପାଇଁ ପ୍ରୟାସ ମାତ୍ର। ଭଗବାନ ବାବା ଯେତେବେଳେ ତାଙ୍କ ମାତୃଗର୍ଭରେ ପ୍ରବେଶ କଲେ ସେବେଠାରୁ ତାଙ୍କର ଧରା ଧାମରେ ଅବତରଣ ହେଲା ପର୍ଯ୍ୟନ୍ତ ରାଜୁ ପରିବାରରେ ବହୁ ଅଲୌକିକ ଲୀଳା ଦୃଷ୍ଟିଗୋଚର ହୋଇଥିଲା। ତାଙ୍କର ଜନ୍ମପରେ ପିତାମାତା ନାମ ରଖିଥିଲେ 'ସତ୍ୟ ନାରାୟଣ'। ଧିରେ ଧିରେ ବଢ଼ିବା ସହିତ ସେ ପ୍ରତ୍ୟେକଙ୍କ ପ୍ରତି ଥିବା ତାଙ୍କର ପ୍ରେମ ଓ କରୁଣା ଦୃଷ୍ଟିଗୋଚର ହେଲା। ତାଙ୍କ ଭିତରେ ଥିବା ପ୍ରତିଭା ଓ ପ୍ରଜ୍ଞାକୁ ଦେଖି ତାଙ୍କର ଖେଳ ସାଥିମାନେ ତାଙ୍କୁ 'ଗୁରୁ' ବୋଲି ସମ୍ବୋଧନ କରିବାକୁ ଲାଗିଲେ। ବୟସ୍କ ବ୍ୟକ୍ତିମାନେ ସତ୍ୟସାଇଙ୍କ ଦ୍ୱାରା ଏତେ ପ୍ରଭାବିତ ହୋଇଗଲେ ଯେ ସେମାନେ ତାଙ୍କୁ 'ବ୍ରହ୍ମଜ୍ଞାନି' ବୋଲି କହିଲେ। ବାବାଙ୍କୁ ଯେତେବେଳେ ୧୪ବର୍ଷ ଓ ଅଷ୍ଟମ ଶ୍ରେଣୀର ଛାତ୍ର ହଠାତ୍ ମେ ମାସ ୨୩ ତାରିଖ ୧୯୪୦ ମସିହାରେ ସେ ନିଜକୁ 'ସାଇବାବା' ବୋଲି ଘୋଷଣା କଲେ। ସେ ମଧ୍ୟ କହିଲେ ତାଙ୍କ କୂଳରେ ଆଗରୁ ଜନ୍ମ ନେଇଥିବା ମୁନି 'ଭେଙ୍ଗୟାଅବଧୁତ'ଙ୍କ ପ୍ରାର୍ଥନାକୁ ସାକାର ରୂପ ଦେବା ପାଇଁ ସେ ଧରା ଧାମରେ ଅବତରଣ କରିଛନ୍ତି। କିଛି ଲୋକ ଭଗବାନଙ୍କ ଭିତରେ ଥିବା ସେହି ଦୈବୀ ଶକ୍ତିକୁ ଗ୍ରହଣ କରୁଥିଲେ ବି ଅନେକ ଏହା ତାଙ୍କର ପାଗଳପଣିଆ ବା କୌଣସି ଅଶରିରୀ ଦ୍ୱାରା ଆୟତ ହୋଇଛନ୍ତି ବୋଲି କହିବାକୁ ଲାଗିଲେ। ଫଳସ୍ୱରୂପ ବିଶ୍ୱାସୀ, ଅବିଶ୍ୱାସୀ ଓ ବହୁ ସମାଲୋଚକ ବାବାଙ୍କୁ ଦେଖିବା ପାଇଁ ପୁଟ୍ଟପର୍ତ୍ତି ଆସିଲେ। ସତ୍ୟସାଇଙ୍କ ସମାଲୋଚକଙ୍କ କଥାରେ ତାଙ୍କର ବଡ଼ଭାଇ ଶ୍ରୀ ଶେସମାରାଜୁ ବ୍ୟସ୍ତ ହୋଇ ପଡ଼ିଲେ ଓ ତାଙ୍କର ସୁରକ୍ଷା ପାଇଁ ଚିନ୍ତାବ୍ୟକ୍ତ କରି ଏକପତ୍ର ଲେଖିଲେ। ସେତେବେଳେ ବାବାଙ୍କ ବୟସ ମାତ୍ର ୨୫ ବର୍ଷ ମାତ୍ର ସେ ଚିଠିର ଉତ୍ତରରେ ବାବା ୨୫ ମେ, ୧୯୪୭ରେ ଅନେକ କଥା ଅବତାରଣ କରିବା ସହିତ ତାଙ୍କର ଦୈବତ୍ୱକୁ ପରିପ୍ରକାଶ ପୂର୍ବକ ଲେଖିଥିଲେ - 'ମୁଁ ଆସିଛି ଦୁଃଖି ମାନଙ୍କର ଦୁଃଖ ଦୂର କରିବା ପାଇଁ...... ଯେ କୌଣସି ବ୍ୟକ୍ତି ଯେ କୌଣସି କୌଶଳ ଯେତେ ସମୟ ଧରି ଅବଲମ୍ବନ କଲେ ମଧ୍ୟ ମୋର ଯଶକୁ ପ୍ରତିହତ କରିପାରିବ ନାହିଁ। ସମୟ ଅତିବାହିତ ହେବା ସହିତ ଭଗବାନ ବାବାଙ୍କର ଆର୍ବିଭାବ ବିଶ୍ୱର ଅଣୁକୋଣରେ ପ୍ରସାରିତ ହୋଇଗଲା। ତେଣୁ ପୁଟ୍ଟପର୍ତ୍ତିକୁ ବହୁ ଲୋକଙ୍କ ଆଗମନ ଫଳରେ ସେମାନଙ୍କର ରହିବା, ଖାଇବା, ସେବା ଓ ଆଧାତ୍ମିକ ବାର୍ତ୍ତାର ପ୍ରଚାର ଓ ପ୍ରସାର ପାଇଁ ବାବାଙ୍କ କୃପାରୁ ପୁଟ୍ଟପର୍ତ୍ତିରେ ବିଶାଳକାୟ ଆଶ୍ରମ ନିର୍ମାଣ କରାଗଲା। ଯାହାର ନାମ ରଖାଗଲା 'ପ୍ରଶାନ୍ତି ନିଳୟମ'।

ଏ ସବୁ ସତ୍ତ୍ୱେ ଅନେକ ନକାରାତ୍ମକ ବ୍ୟକ୍ତିମାନଙ୍କ ଦ୍ୱାରା ଅପପ୍ରଚାର ଆରମ୍ଭ ମଧ୍ୟ ହୋଇଗଲା। ଫଳସ୍ୱରୂପ ଭଗବାନ ବାବା ତାଙ୍କର ସ୍ୱରୂପକୁ ଜନ ସମାଜରେ ଜଣାଇବା ପାଇଁ କହିଲେ 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ଭଗବାନ ବାବାଙ୍କ ଏ ଦୁନିଆରେ ଅବତାରଣ କରିବାର ଉଦ୍ଦେଶ୍ୟ କ'ଣ ଲୋକମାନେ ଜାଣିବା ପାଇଁ ଭଗବାନ ବାବା ପୁଣି କହିଲେ - 'ମୁଁ ଆସିଛି ଧର୍ମ ସଂସ୍ଥାପନ କରିବା ପାଇଁ, ସାଧାରଣଙ୍କୁ ଶିକ୍ଷା ଦେବା ପାଇଁ ଓ ସେମାନଙ୍କୁ ରକ୍ଷା କରିବା ପାଇଁ'କ ବାବାଙ୍କ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଶୁଣିବା ପାଇଁ ବିଶ୍ୱର ସବୁ ରାଷ୍ଟ୍ରରୁ ଦାର୍ଶନିକ, ଧାର୍ମିକ, ଜ୍ଞାନି, ରାଜନୈତିକ ଓ ଆଧାତ୍ମିକ ବ୍ୟକ୍ତିମାନେ ଆସିବାକୁ ଲାଗିଲେ। ଏହା ବ୍ୟତୀତ ସାଧାରଣ ଲୋକ, ବୃତ୍ତିରେ ନିୟୋଜିତ ଲୋକ ଓ ବୈଜ୍ଞାନିକମାନେ ମଧ୍ୟ ପ୍ରଶାନ୍ତି ନିଳୟମକୁ ଆସିବା ଆରମ୍ଭ କଲେ। ତାଙ୍କ ଭାଷାରେ ସେ କୁହନ୍ତି 'ବାବା ଦୁଇ ଗୋଡ଼ରେ ଚାଲୁଥିବା ପ୍ରେମ। ସେ ପ୍ରେମ ହେଉଛି ସ୍ୱାର୍ଥ ରହିତ ପ୍ରେମ ଯାହା ଦୈବତ୍ୱର ପ୍ରତୀକ।' ଭକ୍ତମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରି ସେମାନଙ୍କ ଆଧାତ୍ମିକ ପ୍ରଗତି ଓ ଆନନ୍ଦ ଉପଲବ୍ଧି ପାଇଁ ଭଗବାନ ବାବା ସେମାନଙ୍କୁ ଏକ ଅନୁଷ୍ଠାନ ଗଢ଼ିବା ପାଇଁ ଅନୁମତି ପ୍ରଦାନ କଲେ ଯାହାର ନାମ ଦିଆଗଲା -'ଶ୍ରୀ ସତ୍ୟସାଇ ସେବା ସମିତି'। ଏହାର ମୂଳ ଲକ୍ଷ୍ୟ ହେଲା ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କୁ ସେବା କରିବା। ବିଶ୍ୱର ସବୁ ରାଷ୍ଟ୍ରରେ ଏହି ଅନୁଷ୍ଠାନ ନିରନ୍ତର ଭଗବାନ ବାବାଙ୍କ ବାଣୀ - 'ମାନବ ସେବା ମାଧବ ସେବା'କୁ କାୟ ମନୋବାକ୍ୟରେ ପାଳନ କରି ସେବା କରୁଅଛନ୍ତି। ଏହା ବ୍ୟତୀତ ଶିକ୍ଷା ମଧ୍ୟରେ ମାନବୀୟ ମୂଲ୍ୟବୋଧକୁ ଉପଲବ୍ଧି କରିବା ପାଇଁ ପ୍ରଶାନ୍ତି ନିଳୟରେ ଶ୍ରୀ ସତ୍ୟସାଇ ଡିମ୍‌ଡ଼ ୟୁନିଭରସିଟି ସ୍ଥାପନ କରାଯାଇଛି। ଯେଉଁଠାରେ ମାଗଣାରେ ଉଚ୍ଚକୋଟୀର ଶିକ୍ଷା ଦିଆଯାଇ ଜୀବନ ଓ ଜୀବିକା ପାଇଁ ମଣିଷ ନିର୍ମାଣ କରାଯାଉଛି। କେବଳ ଭାରତରେ ଏହି ଶିକ୍ଷା ଅନୁଷ୍ଠାନ ଅଛି ତାହା ନୁହେଁ ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଶିକ୍ଷା ଅନୁଷ୍ଠାନ କାର୍ଯ୍ୟ କରୁଛି। ବାବାଙ୍କ ନିର୍ଦ୍ଦେଶରେ ପ୍ରଣୟନ କରାଯାଇଥିବା ଶିକ୍ଷାନୀତି ଓ ପଦ୍ଧତିକୁ ଅନେକ ରାଷ୍ଟ୍ରରେ ସରକାରୀ ନୀତି ହିସାବରେ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଦୁଇଟି ସୁପର ସ୍ପେସାଲିଟି ହସ୍ପିଟାଲ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ବାବାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପାନୀୟଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ସରକାରୀ ସ୍ତରରେ ପ୍ରଶଂସନୀୟ ହୋଇପାରିଛି। ଭଗବାନ ବାବାଙ୍କ ମହାପ୍ରୟାଣ ଘଟିଲା ୨୪ ମାର୍ଚ୍ଚ ୨୦୧୧। ତଥାପି ତାଙ୍କର ଲୀଳାଖେଳା ଏବେ ବି ଅବ୍ୟାହତ ରହିଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଓ ତାଙ୍କର ଭକ୍ତମାନେ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱର ସବୁଠାରେ କାର୍ଯ୍ୟରତ ଅଛନ୍ତି। ବାବାଙ୍କ ମହାସମାଧି ସାଇ କୁଳବନ୍ତ ହଲରେ ଏବେ ବି ଲୋକମାନଙ୍କୁ ଶାନ୍ତି ଓ ଆନନ୍ଦ ଦେବା ସହିତ ଆଧାତ୍ମିକ ବାତାବରଣରେ ପ୍ରଭାବିତ କରୁଛି। ପ୍ରଶାନ୍ତି ନିଳୟ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଆଧାତ୍ମିକ ଅନୁଷ୍ଠାନ ଭାବରେ ମାନଚିତ୍ରରେ ସ୍ଥାନ ପାଇଛି। ଦୈନନ୍ଦିନ ହଜାର ହଜାର ଭକ୍ତ ପ୍ରଶାନ୍ତି ନିଳୟ ଆସୁଛନ୍ତି। ପରିବେଶକୁ ଦେଖିଲେ ଏହା ଏକ କ୍ଷୁଦ୍ର ବିଶ୍ୱବୋଲି ମନେ ହେଉଛି। ବାବାଙ୍କ ଲୀଳା, ଉପଦେଶ, ଦିବ୍ୟ ସମ୍ଭାଷଣ ଓ ତାଙ୍କର ସମସ୍ତଙ୍କ ପ୍ରତିଥିବା ପ୍ରେମ ଓ କରୁଣାକୁ ଭାଷାରେ ବର୍ଣ୍ଣନା କରିବା କଷ୍ଟସାଧ୍ୟ। ସେ ତ ଅନନ୍ତ, ଅସୀମ ଓ ଅବ୍ୟକ୍ତ।

**ସୌରଚନ୍ଦ୍ର ମହାପାତ୍ର,**
**ଆଡ଼ଭୋକେଟ, ପ୍ଲଟ ନଂ: ୧୦୮୭/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ଦୂରଭାଷ : ୯୪୩୭୦୦୪୪୬୬**

# ବିଶ୍ୱବିଦ୍ୟାଳୟ, ଆଦିବାସୀ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ଦାବିରେ ଛାତ୍ର ଶୋଭାଯାତ୍ରା

ରାଉରକେଲା (ପିଏନ୍): ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାକୁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତର ଅବହେଳା କରୁଛନ୍ତି। ଜିଲ୍ଲାରୁ ବିପୁଳ ପରିମାଣର ରାଜସ୍ୱ ପାଉଥିଲେହେଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରାଉରକେଲା ସମେତ ସମଗ୍ର ଜିଲ୍ଲାରେ ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଆବଶ୍ୟକୀୟ ଧ୍ୟାନ ଦେଉନାହାନ୍ତି। ତେଣୁ ଏହାର ପ୍ରତିବାଦ ଏବଂ ରାଉରକେଲା ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା କରିବା ଓ ସୁନ୍ଦରଗଡ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ତଥା ରାଉରକେଲା ସରକାରୀ ଡାକ୍ତରଖାନାକୁ ଏକ ମେଡିକାଲ କଲେଜ ଓ ସୁପର ସ୍ପେସାଲିଟି ହସ୍‌ପିଟାଲରେ ପରିଣତ କରିବା ଦାବି ନେଇ ଗତ ୧୩ ତାରିଖ ରାଉରକେଲା ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କ୍ରିୟାନୁଷ୍ଠାନ କମିଟି ଆବାହକ ଅନୀଲ ଗୁରୁଙ୍ଗ ଓ ଯୁଗ୍ମ ଆବାହକ ସନ୍ତୋଷ ପ୍ରଭାତ କୁଜୁରଙ୍କ ନେତୃତ୍ୱରେ ଉଦିତନଗର ସ୍ଥିତ ଫିଟ୍‌ନେସ୍ ପାର୍କ ଠାରୁ ବାହାରି ଆମ୍ବେଦକର ଛକ ଦେଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ବରିଷ୍ଠ ନେତା ବିରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ନିରୂପମା ବଳିୟାରସିଂ, କୀର୍ତ୍ତନ ଦାସ ଓ ଦିଲ୍ଲୀପ ଲାହିରି ପ୍ରମୁଖ ଶୋଭାଯାତ୍ରାକୁ ସମ୍ବୋଧିତ କରି ଛାତ୍ର କ୍ରିୟାନୁଷ୍ଠାନର ନ୍ୟାର୍ଯ୍ୟ ଦାବିକୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ୩ ଦଫା ସମ୍ବଳିତ ସ୍ମାରକପତ୍ରରେ ଜ୍ଞାପନ କରାଯାଇଥିଲା। ଏହି ସ୍ମାରକପତ୍ରରେ ରାଉରକେଲା ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟର ୩୫ ଏକରରୁ ଉର୍ଦ୍ଧ୍ୱ ନିଜସ୍ୱ ଜାଗା ଥିବାବେଳେ ଉକ୍ତ ଅନୁଷ୍ଠାନରେ ପ୍ରାୟ ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ବୋଲି କୁହାଯାଇଛି। ଏହି ମହାବିଦ୍ୟାଳୟର ୧୦ଟି ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଥିବାବେଳେ ୩ଟି ବିଭାଗରେ ଏମ୍‌ଫିଲ୍ କରିବାର ବ୍ୟବସ୍ଥା ମଧ୍ୟ ରହିଛି ବୋଲି କୁହାଯାଇ ଆବଶ୍ୟକୀୟ ଭିତ୍ତିଭୂମି ଥିବା ଉକ୍ତ ମହାବିଦ୍ୟାଳୟକୁ ତୁରନ୍ତ ଏକ ପୂର୍ଣ୍ଣାଙ୍ଗ ସାଧାରଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଦାବି କରାଯାଇଛି। ସେହିପରି ସୁନ୍ଦରଗଡ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାରୁ ଗରିବ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ସୁନ୍ଦରଗଡ ଜିଲ୍ଲାର ଯେକୌଣସି ସ୍ଥାନରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି ବୋଲି କୁହାଯାଇଛି। ଏହାଦ୍ୱାରା ଆଦିବାସୀଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ହୋଇପାରିବ ବୋଲି କୁହାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାକୁ ଏକ ସରକାରୀ ମେଡିକାଲ କଲେଜ ଓ ସୁପର ସ୍ପେସାଲିଟି ହସ୍‌ପିଟାଲରେ ପରିଣତ କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇ ୪୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ପରିସରରେ ମେଡିକାଲ କଲେଜ ହେବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି ବୋଲି ଉଲ୍ଲେଖ କରାଯାଇଛି। ଆହୁରି ମଧ୍ୟ ଏହି ସରକାରୀ ଡାକ୍ତରଖାନା ସହିତ ସରକାରୀ ଜାଗା ଓ ଆର୍ଥିକ ସହାୟତାରେ ଗଢି ଉଠିଥିବା ହାଇଟେକ୍ ମେଡିକାଲ କଲେଜକୁ ସରକାରୀ ମେଡିକାଲ କଲେଜ ଓ ସୁପର ସ୍ପେସାଲିଟି ହସ୍‌ପିଟାଲରେ ମିଶ୍ରଣ କରିଦେବା ପାଇଁ ସ୍ମାରକପତ୍ରରେ ପ୍ରସ୍ତାବ ଦିଆଯାଇଛି। ଯଦି ସରକାର ଉପରୋକ୍ତ ୩ଟି ଦାବିକୁ ପୂରଣ କରିବା ଦିଗରେ ଟାଳଟୁଳ ନୀତି ଧରନ୍ତି, ତେବେ ଛାତ୍ର ଆନ୍ଦୋଳନକୁ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି ଏହି କ୍ରିୟାନୁଷ୍ଠାନ କମିଟି ତରଫରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନୀଲ ଗୁରୁଙ୍ଗ ଅଧ୍ୟକ୍ଷତା କରିଥିବା ବେଳେ ଯୁଗ୍ମ ଆବାହକ ସନ୍ତୋଷ ପ୍ରଭାର କୁଜୁର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ବିଶାଳ ଶୋଭାଯାତ୍ରାକୁ ଛାତ୍ରନେତା ରୋସିତ ବିଲୁଙ୍ଗ, ସୁବାଷ ଯୋଯୋ, ରାହୁଲ ବାଗ, ଅଙ୍କିତ ଖେସ, ନେହା ବାରା, ସୀତ କିଣ୍ଡୋ, ଯମୁନା କିସ୍କୋ, ଅଭିଜତ ଟପ୍ପୋ, ସୁନୀଲ ନାୟକ, ପିଣ୍ଟୁ ଶର୍ମା, ପ୍ରଶାନ୍ତ ଏକ୍କା, ରୋହନ ବାଗ, ରେଣୁ ଲୋହାର, ଅବିନାଶ ଯାଦବ, ସେକ୍ ଇବ୍ରାହିମ ଅଲ୍ଲୀ, ଅଙ୍କିତା ସିଂହ, ନାଜିଆ ପରୱିନ, ପ୍ରିୟଙ୍କା ଭୂମିଜ, ଦିଲ୍ଲୀପ ତିର୍କୀ, ସରୋଜିନୀ କେର୍କେଟା ପ୍ରମୁଖ ପରିଚାଳନା କରିଥିବା ବେଳେ କଂଗ୍ରେସ କର୍ମକର୍ତ୍ତା ବିନୋଦ ରାଉତ, ଇଂ.ଆର୍.ପି. ସିଂହ, କଲ୍ୟାଣୀ ପୂର୍ତ୍ତି, ସରୋଜ ମହାନ୍ତି, ବିଜୟ ଆପଟ୍ଟ, ରତିକାନ୍ତ ମଲ୍ଲିକ, ରାଜେଶ ପତି, ଜିତେନ୍ଦ୍ର ଦାସ, ଶରତ ପାଢୀ, ମହାରାଜ ତିୱାରୀ, ଅମ୍ରିତ କୌର, ସୁନୀଲ ସିଂହ, ଶରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ବାଲେଶ୍ୱର ଜିଲ୍ଲାରେ କରୋନା ଲକ୍ଡାଉନ୍ କଟକଣା ଜାରି

ବାଲେଶ୍ୱର-(ପିଏନ)-ମାର୍ଚ୍ଚ ୨୨ ସକାଳ ଠାରୁ ପ୍ରଧାନ ମନ୍ତ୍ରୀ ଡାକରା ଦେଇଥିବା ଜନତା କର୍ଫ୍ୟୁ ପରି ଏବେବି ମୁଖ୍ୟମନ୍ତ୍ରୀଙ୍କ ଲକ୍ଡାଉନ୍ ପ୍ରକ୍ରିୟାରେ ଲୋକେ ସାମିଲ ହୋଇଛନ୍ତି । ଯାତ୍ରୀବାହୀ ଗାଡ଼ି ମଟର ଚଳାଚଳ ବନ୍ଦ ଥିବାବେଳେ କିଛି ଘରୋଇ ୪ ଚକିଆ କାର ଓ ମଟର ସାଇକେଲ୍ ରାସ୍ତାଘାଟରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ଲକ୍ଡାଉନ୍ ପ୍ରକ୍ରିୟା ୧୨ଟା ଯାଏଁ ଲାଗୁ କରାଯାଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ପୂର୍ବରୁ ଏହି କଟକଣା ରାତି ୯ଟା ପର୍ଯ୍ୟନ୍ତ ବଳବତ୍ତର ଥିଲା । ଯାହା ସୂଚନା ମିଳିଛି ବାଲେଶ୍ୱର ଜିଲ୍ଲାର ସୀମାନ୍ତ ବର୍ତ୍ତୀ ବ୍ଲକ ଯଥା ଜଲେଶ୍ୱର ଓ ଭୋଗରାଇର ସୀମାକୁ ସିଲ କରିଦିଆଯାଇଛି । ୨ଦିନପୂର୍ବେ କେରଳ ରାଜ୍ୟରୁ ଫେରିଥିବା କିଛି ଶ୍ରମିକ ଓ ସାଧାରବର୍ଗର ଯାତ୍ରୀଙ୍କୁ ବାଲେଶ୍ୱର ରେଲଷ୍ଟେସନରେ ପୁଲିସ ଉପସ୍ଥିତିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଏମାନେ ତଥାପି ନିଜନିଜ ଗ୍ରାମକୁ ଫେରିଥିବାର ଜଣାପଡୁଛି ପ୍ରାୟତଃ ଏମାନେ ସମସ୍ତେ ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି । ବାଲେଶ୍ୱର ସହରର ବିଭିନ୍ନ ରାସ୍ତାଘାଟ, ବସଷ୍ଟାଣ୍ଡ, ପୁଲିସ ପଟ୍ରୋଲିଂ ଜାରି ରହିଛି । କେବଳ ପନିପରିବା,ମାଛମାଂସ ଓ ତେଜରାତି ଦୋକାନ, ଆଦି ସ୍ୱାଭାବିକ ଭାବେ ଖୋଲାଥିବାବେଳେ କ୍ଷୀର ବିକ୍ରୟ କେନ୍ଦ୍ର ଖୋଲା ରହିଛି । କିନ୍ତୁ ବଡ଼ ପରିତାପର ବିଷୟ କିଛି ତେଜରାତି ବିକ୍ରେତା ଦୋକାନରେ ଗୁଟୁଖା, ସିକାରେଟ୍ ଆଦି ବିକ୍ରିଥିବାର ଦେଖିବାକୁ ମିଳିଛି । ଗୋଟିଏ ଦୁଇଟି ଚା ଦୋକାନ କଟକଣା ନମାନି ଖୋଲାରଖି ଚା, ଗୁଟୁଖା ଓ ସିଗାରେଟ୍ ବିକ୍ରି କରୁଥିବା ବେଳେ ପୁଲିସ ନଜର ଆଢୁଆଳରେ ରହିଥିବାର ଜଣାପଡ଼ିଛି । ତେବେ କରୋନା ସତର୍କତା ଜାରି ରହିଥିବା ବେଳେ ଏସବୁ ଚୋରାକାରବାରରୁ ଶାନ୍ତ ରହିବା ପାଇଁ ସାଧାରଣରେ ନିବେଦନ କରାଯାଇଛି । ରାସ୍ତାରେ ବୁଲା କୁକୁର, ବିଲେଇ, ଷଣ୍ଢ ଓ ଗାଈଗୋରୁ ଖାଦ୍ୟ ବିନା ଚିତ୍କାର କରୁଥିବାର ଲକ୍ଷ କରାଯାଇଛି କାରଣ ସାଧାରଣତଃ ଏମାନେ ହୋଟେଲ ଓ ଜଳଖିଆ ଦୋକାନରୁ ବର୍ଜ୍ୟବସ୍ତୁ ନିଜର ଆହାର ଭାବେ ଗ୍ରହଣ କରିଥାନ୍ତି । ସାଧାରଣ ଖଟିଖିଆ ରିକ୍ସାବାଲା ନିଜେ ନିଜର ଖାଦ୍ୟ ଯୋଗାଡ଼ କରିପାରୁ ନଥିବାବେଳେ ଘରେ ରହି ଧାରଉଧାର କରି ଗୁଜୁରାଣ ମେଣ୍ଟାଉ ଥିବାର ଦେଖିବାକୁ ମିଳିଛି । ପରିବା, ତେଜରାତି ଦୋକାନରେ ମାଲ ପ୍ରାୟତଃ ସରିବାକୁ ବସିଲାଣି କଛି ଅସାଧୁ ବ୍ୟାବସାୟୀ ଅତ୍ୟାବଶ୍ୟକ ସାମଗ୍ରୀକୁ ଲୁଚାଇରଖି କୃତ୍ରିମ ଅଭାବ ସୃଷ୍ଟି କରିବାରେ ଲାଗିଛନ୍ତି । ବାହାରୁ ପନିପରିବା, ମାଛ, ଅଣ୍ଡା, ଆସୁନଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ଉପଲବ୍ଧ ହେଉଥିବା ସାମଗ୍ରୀକୁ ନେଇ ବ୍ୟାବସାୟୀମାନେ ନିଜର ବେପାର ଚଳାଉଛନ୍ତି । କରୋନା କଟକଣା ଏଭଳି ଭାବରେ ଲାଗିରହିଲେ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯିବ ସତ କିନ୍ତୁ ଯେଉଁ ସାମାଜିକ ଦୂରତା କଥା କୁହାଯାଉଛି ତାହା କିଛିମାତ୍ରାରେ କରୋନା ଭାଇରସ ସଂକ୍ରମଣରୁ ଜନସମାଜକୁ ବଞ୍ଚାଇପାରିବ । ଏପ୍ରକାର କଟକଣାରେ ଲୋକ ଅଭାବ ନଥିବା ବେଳେ ଘରେ ଏକପ୍ରକାର ବନ୍ଦି ଜୀବନ କାଟିବାକୁ ପଡୁଥିବାରୁ ଲୋକଙ୍କୁ ଏହା କିଛିଟା ପୀଡ଼ା ଦେଉଛି । କିନ୍ତୁ ଭବିଷ୍ୟତରେ ଏଥିରୁ ସୁଦୂରପ୍ରସାରୀ ସୁଫଳ ମିଳିବ ଏହା ସ୍ପଷ୍ଟ ଅନୁମେୟ । ଖବରକାଗଜ କେବଳ ସହରରେ ବଣ୍ଟାଯାଉଥିବାବେଳେ ଅନ୍ୟାନ୍ୟ ବ୍ଲକ ଅଞ୍ଚଳକୁ ଏହା ବିତରଣ କରାଯାଇପାରୁ ନାହିଁ । ଏଥିଯୋଗୁଁ କିଛି ଖବରକାଗଜ ସଂସ୍ଥା ସ୍ଥାନୀୟ ପ୍ରକାଶନକୁ ବନ୍ଦ କରିଥିବାର ଜଣାପଡୁଛି । ତେବେ କରୋନା ଭାଇରସ କଟକଣା ଯୋଗୁଁ ଯାତ୍ରୀବାହୀ ରେଳ, ବସ୍ ଚଳାଚଳ ବନ୍ଦ ରହିଥିବା ଯୋଗୁଁ ସହରରେ ସେତେଟା ଜନଗହଳି ଦେଖିବାକୁ ମିଳିନାହିଁ । ଯେଉଁ ମହାନ୍ ଉଦ୍ଦେଶ୍ୟ ରଖି ସରକାର ଲକ୍ଡାଉନ୍ ଘୋଷଣା କରିଛନ୍ତି ତାହା ଲୋକେ ଆପଣେଇ ନେଇ ନିଜେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ନିଜଘରେ ରହି ସମୟ ବିତେଇବା ସହ କରୋନା ଭୂତାଣୁ ସଂକ୍ରମଣରୁ ସମଗ୍ର ବିଶ୍ୱକୁ ମୁକ୍ତ ରଖିବା ପାଇଁ ଏବେ ଆହ୍ୱାନ ଆସିଛି ।


କରୋନା ସଂପର୍କିତ ଏକ ବୈଠକରେ ଯୋଗ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

# ଆନ୍ଧ୍ରରୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ପ୍ରଶାସନ ନିକଟରେ ଗୁହାରୀ

ବାଲେଶ୍ୱର(ପିଏନ)-ନୀଳଗିରିଥାନା ଢୋଲପୁର ଗ୍ରାମର ଜଣେ ଶ୍ରମିକଙ୍କ ସହିତ ଅନ୍ୟ ୪ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲ୍ଲାରେ ଥିବା ଏକ ଗ୍ରାନାଇଟ୍ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରନ୍ତି । ଏବେ ସବୁଆଡ଼େ କରୋନା ଭୟ ଯୋଗୁଁ ଲୋକମାନେ ଭୟଭୀତ ହୋଇପଡ଼ିଥିବା ବେଳେ ସେଠାରେ ଫଶି ରହିଥିବା ପାଞ୍ଚଜଣ ଶ୍ରମିକଙ୍କୁ ଉଦ୍ଧାର ନିମନ୍ତେ ପରିବାର ସଦସ୍ୟମାନେ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି । ଏବାବଦରେ ବାଉଁବଣିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସମେତ ଗାଁ ଲୋକମାନେ ନୀଳଗିରି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଲିଖିତ ଦରଖାସ୍ତ ଦେବା ସହ ଏବାବଦରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଉପଜିଲ୍ଲାପାଳ ଘଟଣା ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରି ଆନ୍ଧ୍ରରେ ଫଶିଥିବା ୫ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ନିମନ୍ତେ ପଦକ୍ଷେପ ନେବେବୋଲି ପ୍ରତିଶୃତି ଦେଇଛନ୍ତି ।

# ଲକ ଡାଉନ ଆଦେଶ ଉଲ୍ଲଙ୍ଘନ କରି ଦୁଇ ଗିରଫ

ବାଲେଶ୍ୱର(ପିଏନ)- କରୋନା ସଂକ୍ରମଣର ମୁକାବିଲା ପାଇଁ ଜିଲ୍ଲାରେ ଲକ ଡାଉନ (ତାଲା ବନ୍ଦ) ଘୋଷଣା କରାଯାଇଥିବା ବେଳେ ଏହାର ଉଲ୍ଲଙ୍ଘନ ଅଭିଯୋଗରେ ଆଜି ବାଲେଶ୍ୱର ଟାଉନ ପୋଲିସ ଦ୍ୱାରା ଦୁଇ ଜଣ ଗିରଫ ହୋଇଛନ୍ତି । ସରକାରୀ ନିର୍ଦ୍ଦେଶର ଅମାନ୍ୟ କରି ମୋତିଗଞ୍ଜ ବଜାର ସ୍ଥିତ ସୁଭଦ୍ରା କସମେଟିକସ ଆଜି ଖୋଲା ଥିବା ଯୋଗୁଁ ପୋଲିସ ରବୀନ୍ଦ୍ର ସେଠୀ(୫୦)ଙ୍କୁ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ବାଲେଶ୍ୱର ଟାଉନ ଥାନାରେ ଆଇପିସିର ଧାରା ୧୮୮/୨୬୯/୩୩୬ ଅନୁଯାୟୀ କେସ ନଂ-୬୭ ରୁଜୁ ହୋଇଛି । ସେହିପରି ଗୋଲାପୋଖରୀ ନିକଟ ଆକଟପୁର ଠାରେ ଥିବା ଏକ ଗ୍ୟାରେଜ ଖୋଲା ଯାଇଥିବା ଅଭିଯୋଗରେ ପୋଲିସ ବଡଖୁଆ ଗ୍ରାମର ଶ୍ରୀଧର ମାଝୀ(୪୬)ଙ୍କୁ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ବାଲେଶ୍ୱର ଟାଉନ ଥାନାରେ ଆଇପିସିର ଧାରା ୧୮୮/୨୬୯/୩୩୬ ଅନୁଯାୟୀ କେସ ନଂ-୬୬ ରୁଜୁ ହୋଇଛି । ଲକ ଡାଉନ ଆଦେଶକୁ କଡାକଡି ଲାଗୁ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ଉଲ୍ଲଙ୍ଘନ କଲେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ବାଲେଶ୍ୱର(ପିଏନ)- ନୀଳଗିରି ବ୍ଲକ ବରହମ୍ପୁର ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରତ୍ନାକର ଚୌଧୁରୀଙ୍କର ଆଜି ସକାଳ ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ହୋଇଥିଲା । ୰ ଚୌଧୁରୀ ଗତ ୧୫ ଦିନ ତଳେ ମସ୍ତିଷ୍କ ଜନିତ ରୋଗରେ ଆକ୍ରାନ୍ତ ହୋଇ କୋମା ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବାବେଳେ ତାଙ୍କର ପରଲୋକ ଘଟିଥିଲା । ସେ ଜଣେ ପରପୋକାରୀ ଧାର୍ମିକ ଓ ସମାଜସେବୀ ଭାବେ ବରହମ୍ପୁର ଅଞ୍ଚଳରେ ପରିଚିତ ଥିବାରୁ ତାଙ୍କର ଏହି ପରଲୋକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଶେଷକୃତ୍ୟ ସମୟରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମି ପ୍ରଦାନ କରାଯାଇଥିଲା । ବଡ଼ପୁଅ ଡଃ ବଂଶୀଧର ଚୌଧୁରୀ ମୁଖାଗ୍ନି ଦେଇଥିଲେ ।

## କରୋନା ଆତଙ୍କପାଇଁ ଗ୍ରାମଦେବତୀଙ୍କ ଶରଣ ପଶିଲେ ଗ୍ରାମବାସୀ

# କିନ୍ତୁ ସାମାଜିକ ଦୂରତା ରକ୍ଷା କରିବାକୁ ପ୍ରଶାସନର କଡ଼ା ନିର୍ଦ୍ଦେଶ

ବାଲେଶ୍ୱର(ପିଏନ)-ନୀଳଗିରି ଥାନା ନରସିଂହ ପୁର ପଞ୍ଚାୟତ ଅନ୍ତର୍ଗତ ଅମ୍ବିକାପୁର ଗ୍ରାମର ଲୋକମାନେ ଗ୍ରାମରେ ଥିବା ସୁଲେଇ ଚଣ୍ଡି ଠାକୁରାଣୀଙ୍କ ନିକଟରେ କରୋନା ପାଇଁ ଶରଣ ପଶିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ସୁଲେଇ ଚଣ୍ଡି ଠାକୁରାଣୀ ଏ ଅଞ୍ଚଳର ପ୍ରସିଦ୍ଧ ଠାକୁରାଣୀ ଭାବେ ବେଶ୍ ଜଣାଶୁଣା ଥିବା ବେଳେ ବିପଦ ଆପଦ ସମୟରେ ଲୋକମାନେ ଶରଣ ପଶନ୍ତି । ବର୍ତ୍ତମାନ ସମୟରେ ମହାମାରୀ କରୋନା ଭୟରେ ଲୋକମାନେ ଆତଙ୍କିତ ଥିବାବେଳେ ଅମ୍ବିକାପୁର, ଦୁର୍ଗାପୁର, ନିମ୍ବପାଳ ଗାଁରେ କରୋନା ଭୂତାଣୁ ପଶିବ ନାହିଁ ବୋଲି ଠାକୁରାଣୀଙ୍କ ପୂଜକ ଜଗନ୍ନାଥ ପଣ୍ଡା ବିଶ୍ରାମ ଆଶି କହିବା ପରେ ଏବେ ଗ୍ରାମବାସୀମାନେ ଠାକୁରାଣୀଙ୍କ ଶରଣରେ ଆସି ପୂଜାର୍ଚ୍ଚନା କରିବା ନିମନ୍ତେ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି । କିନ୍ତୁ ଏହି ପୂଜାସ୍ଥଳରେ ସାମାଜିକ ଦୂରତ୍ୱ ରକ୍ଷା କରାନଗଲେ କରୋନା ସଂକ୍ରମଣ ଆଶଙ୍କା ଦେଖାଦେବ ଏଥିପ୍ରତି ଗ୍ରାମବାସୀମାନେ ସଚେତନ ହେବା ଦରକାର ।

# ଲକ୍ଡାଉନ ଆଦେଶ ଉଲଂଘନ କରି ୨ଗିରଫ

ବାଲେଶ୍ୱର-(ପିଏନ)-କରୋନା ସଂକ୍ରମଣର ମୁକାବିଲା ପାଇଁ ଜିଲ୍ଲାରେ ଲକ୍ଡାଉନ୍ ଘୋଷଣା କରାଯାଇଥିବା ବେଳେ ଏହାର ଉଲଘଂନରେ ଆଜି ବାଲେଶ୍ୱର ଟାଉନ୍ ପୁଲିସ ଦ୍ୱାରା ୨ଜଣ ଗିରଫ ହୋଇଛନ୍ତି । ସରକାରୀ ନିୟମର ଉଲଂଘନ କରି ମୋତିଗଞ୍ଜ ବଜାର ସ୍ଥିତ ସୁଭଦ୍ରା କସମେଟିକ୍ସ ଆଜି ଖୋଲାଥିବା ଯୋଗୁଁ ପୁଲିସ ରବିନ୍ଦ୍ର ସେଠୀ (୫୦)ଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ବାଲେଶ୍ୱର ଟାଉନଥାନାରେ ଆଇପିସିର ଧାରା ୧୮୮/୨୬୯/୩୩୬ ଅନୁଯାୟୀ କେଶ୍ ନମ୍ବର ୬୭ରେ ମାମଲା ରୁଜୁ ହୋଇଛି । ସେହିପରି ଗୋଲାପୋଖରୀ ନିକଟସ୍ଥ ଆକତ୍ପୁର ଠାରେ ଥିବା ଏକ ଗ୍ୟାରେଜ୍ ଖୋଲାଯାଇଥିବା ଅଭିଯୋଗରେ ପୁଲିସ ବଡ଼ଖୁଆ ଗ୍ରାମର କୁବେର ମାଝୀ (୪୬)ଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ବାଲେଶ୍ୱର ଟାଉନ୍ ଥାନାରେ ଆଇପିସିର ଧାରା ୧୮୮/୨୬୯/୩୩୬ ଅନୁଯାୟୀ କେଶ୍ ନମ୍ବର ୬୬ରେ ମାମଲା ରୁଜୁହୋଇଛି । ଲକ୍ଡାଉନ୍ ଆଦେଶକୁ କଡ଼ାକଡ଼ି ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ଉଲଂଘନ କଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ୍ ପକ୍ଷରୁ ପ୍ରକାଶ ପାଇଛି ।

## ଶିକାରୀ ଗିରଫ : ୨ଟି ବନ୍ଧୁକ ଜବଦ

ବାଲେଶ୍ୱର(ପିଏନ)--ବନବିଭାଗ ପକ୍ଷରୁ ଆଜି ସକାଳେ କୁଲଡ଼ିହା ବନବିଭାଗ ଅଧିନ ବାବନ୍ଧ ବ୍ରିଟ୍ ହାଉସ୍ ଅନ୍ତର୍ଗତ ଡେଉଁଚଘାଟୀ ଅଞ୍ଚଳ ଉପରେ ଚଢଉ କରାଯାଇ ବାବନ୍ଧ ଅଞ୍ଚଳର ପବନା ସିଂ ନାମକ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଶିକାରୀ ଘଟଣାସ୍ଥଳରୁ ଖସି ପଳାଇଛି । ବନବିଭାଗ କର୍ମଚାରୀ ପବନା ସିଂ ଠାରୁ ଗୋଟିଏ ବନ୍ଧୁକ ଜବଦ୍ କରିଥିବା ବେଳେ ଫେରାର୍ ଥିବା ଶିକାରୀ ଜଣଙ୍କ ଛାଡ଼ି ପଳାଇଥିବା ବନ୍ଧୁକଟିକୁ ମଧ୍ଧ ଜବଦ କରାଯାଇଛି । ଧରାପଡ଼ିଥିବା ଶିକାରୀ ପବନା ସିଂଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ବଢ଼ିଲାଣି ତାତି : କଣାସ ବ୍ଲକରେ ପାନୀୟ ଜଳ ସଙ୍କଟ

କଣାସ,(ପିଏନ)- ରାଜ୍ୟରେ ଏବେଠାରୁ ତାତି ବଢ଼ିବାରେ ଲାଗିଛି । ଧିରେ ଧିରେ ଗ୍ରୀଷ୍ମର ପ୍ରଭାବ ଆରମ୍ଭ ହେବାକୁ ଯାଉଥିବାବେଳେ ପୁରୀ ଜିଲ୍ଲାରେ ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହୁଛି । ଏପରିକି ପ୍ରତି ବର୍ଷ ଗ୍ରୀଷ୍ମ ସମୟରେ ତାହା ଉତ୍କଟ ରୂପ ଧାରଣ କରୁଛି ।
ବର୍ତ୍ତମାନ କଣାସ ବ୍ଲକରେ ଅନେକ ଗ୍ରାମରେ ପାନୀୟ ଜଳପାଇଁ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଖବର ନେବାରେ ଜଣାପଡିଛି କଣାସ ବ୍ଲକର ୨୮ଟି ଗ୍ରାମପଂଚାୟତର ୧୩୯ଟି ରାଜସ୍ୱଗ୍ରାମ ଓ ୧୦୮ଟି ପଡାଗ୍ରାମର ୧ ଲକ୍ଷ ୬୦ ହଜାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୯୦୦ଟି ନଳକୂପ ଓ ୬୦ଟି ଗଭୀରକୂପ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଖନନ କରାଯାଇଥିଲା । ସେଥି ମଧରୁ ଅର୍ଦ୍ଧାଧିକ ନଳକୂପରୁ ଲୁଣିପାଣି ବାହାରିବାରୁ ତାହା ପାନୀୟ ଅନୁପଯୋଗୀ ହେବାରୁ ସେହି ନଳକୂପ ଗୁଡିକ ଧିରେ ଧିରେ ଅଚଳହୋଇ ପଡିଛି । ଜଳପତନ ହ୍ରାସଯୋଗୁ ଅନେକ ନଳକୂପରୁ ମାଟି ପଙ୍କ ମିଶ୍ରିତ ଗୋଳିଆପାଣି ବାହାରିବାରୁ ଏବଂ ବାରମ୍ବାର ଏନେଇ ଆନ୍ଦୋଳନ ହେବାରୁ ହାତ ଗଣତି କେତୋଟି ସ୍ଥାନରେ ପାଇପ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ଦୟାନଦୀର ବେଣାଗାଁ, ପାଣ୍ଡିଆକେରା, ଜଙ୍କିଆ, ଗଡିଶାଗୋଦା, ଗୋପିନାଥପୁର, ଲୁଣାନଦୀର କରମଳା, ବିଜିପୁର, ମକରା ନଦୀର ଚୁପୁରିଙ୍ଗି, ସୁନାଖେଳା, ବଡାଲ, ରାଜୁଆ ନଦୀର ଢୋଲପାଟଣା, ଗଡବଡପୁଟ ଠାରେ ପାଇପ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ କେତୋଟି ହାତ ଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ ଚାଲିଥିବାବେଳେ ସେହି ପାନୀୟଜଳ ବିଶୁଦ୍ଧ ହୋଇନଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇଛି । ଫଳରେ ଏଠାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି ।
ବିଶେଷ କରି ଦୟା ନଦୀରେ ଭୁବନେଶ୍ୱର ସହରର ନର୍ଦ୍ଦମା ଜଳ ମିଶୁଥିବାରୁ ନଦୀଜଳ ଦୂଷିତ ହେଉଛି । ପାଇପ୍ ଜଳ ପ୍ରକଳ୍ପରେ ବସିଥିବା ଫ୍ଲିଟର ଗୁଡିକ ନିମ୍ନ ମାନର ହୋଇଥିବାରୁ ସମସ୍ତ ପାଇପ୍ ଜଳ ପ୍ରକଳ୍ପର ଫ୍ଲିଟର ଗୁଡିକ ଅଚଳ ହୋଇପଡିଛି । ଯାହାଦ୍ୱାରା କି ନଦୀର ଦୂଷିତ ଜଳ ସିଧା ଜନସାଧାରଣଙ୍କ ପାଖରେ ପହଂଚୁଛି । ଦୟାନଦୀରେ ତିରିମଲଠାରେ କେତେକ ବ୍ୟକ୍ତି ଦୟାନଦୀର ମୁହଁକୁ ବନ୍ଦ କରିଦେଇଥିବାରୁ ଦୟା ନଦୀରେ ଜଳ ପ୍ରବେଶ ନକରି ସିଧା ରାଜୁଆ ନଦୀରେ ଜଳ ଭାସିଯାଉଛି । ଯାହାଦ୍ୱାରାକି ପାଣ୍ଡିଆକେରା ଜଳ ପ୍ରକଳ୍ପ ନଦୀରେ ଜଳ ନଥିବାରୁ ବନ୍ଦ ହୋଇଯାଇଥିବାବେଳେ ବେଣାଗାଁ, ଜଙ୍କିଆ, ଗଡିଶାଗୋଦା ପାଇପଜଳ ପ୍ରକଳ୍ପ ନଦୀର ଜଳ ଅଭାବଯୋଗୁ ପ୍ରଭାବିତ ହେଉଛି ।
କଣାସ ପାନୀୟ ଜଳ ପ୍ରକଳ୍ପର କନଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାଙ୍କୁ ଏନେଇ ପଚାରିବାରୁ ସେ କୁହନ୍ତି, ଦୟାନଦୀରେ ଜଳ ଆସୁନଥିବାରୁ କେତୋଟି ପାନୀୟଜଳ ପ୍ରକଳ୍ପ ପ୍ରଭାବିତ ହେଉଛି । ପୁରୀ ଜଳସେଚନ ବିଭାଗ, ଖୋର୍ଦ୍ଧା ଜଳସେଚନ ବିଭାଗ ଓ ପୁରୀ ଜିଲ୍ଲାପାଳ ତୁରନ୍ତ ତିରିମଲଠାରେ ଦୟାନଦୀ ମୁହଁ ଖନନ କରିବା ସହିତ ଜଳକ୍ଲିଷ୍ଟ ଗ୍ରାମମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ

କୋରେଇ, (ପିଏନ)- କୋରାଇ ବ୍ଲକର ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବକୁ ଉଦଘାଟନ କରାଯାଇଥିଲା । ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ କମିଟିର କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ମାଝୀ ଅତିଥି ପରିଚୟ ଓ ସମ୍ପାଦକ ଶରତ ଚନ୍ଦ୍ର ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଯାଜପୁର ଲେଖକ ସମ୍ମେଳନର ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବୃନ୍ଦାବନ ସାହୁ, ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ସମ୍ପାଦକ ଦାମୋଦର ଧଳ, ବାସୁଦେବ ପରିଡା ପ୍ରମୁଖ ଯୋଗଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କମିଟି ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମୁଖ୍ୟ ଅତିଥିଙ୍କୁ ସ୍ୱତନ୍ତ୍ରଭାବେ ବରିଷ୍ଠ ନାଗରିକ ତଥା ସମାଜସେବୀ ବାବାଜୀ ଚରଣ, କବି, ଶିକ୍ଷାବିତ ଲଛମନ କୁମାର ପଣ୍ଡା, ଲିଙ୍ଗେଶ୍ୱର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପଧାନ, ଆଚାର୍ଯ୍ୟା ଅପରାଜିତା ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବ୍ରହ୍ମପୁରରର ପ୍ରିନ୍ସ ଡ୍ୟାନ୍ସଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଯାହା ଦର୍ଶକଙ୍କୁ ବିଭୋର କରିଥିଲା ।
ଉନ୍ନୟନ କମିଟିର ଉପସଭାପତି ବିଷ୍ଣୁ ଚରଣ ଧଳଙ୍କ ସହ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ବାସୁଦେବ ପରିଡା, ଗଦାଧର ଧଳ, ପ୍ରତାପ ଚନ୍ଦ୍ର ଧଳ, ନିରଂଜନ ପାଣିଗ୍ରାହୀ, ନିକୁଂଜ ବିହାରୀ ସାହୁ, ଦୈତାରୀ ଧଳ, ଭଗବାନ ସାହୁ, ଦିଲ୍ଲୀପ ଧଳ, ମାନସ ରଂଜନ ଧଳ, ଅଶୋକ କୁମାର ସାହୁ, ଶଙ୍କର୍ଷଣ ପରିଡା, ତାପସ ରଂଜନ ଧଳ, ବିଷ୍ଣୁ ଧଳ, ଭବ ରଂଜନ ଧଳ, ଆନନ୍ଦ ଚନ୍ଦ୍ର ପାଳ, ନିତ୍ୟାନନ୍ଦ ପରିଡା, ସନ୍ତୋଷ ଧଳ, ଅନିରୁଦ୍ଧ ସେଠୀ, ସଦାନନ୍ଦ ସାମଲ, ରମେଶ ସାହୁ, ନାଣ୍ଟୁ ମଳିକ, ବନମାଳୀ ଦାସ, ମଦନ ମୋହନ ମାଝୀ, ଅକ୍ଷୟ ଧଳ, ଗଜକିଶୋର ମଲ୍ଲିକଙ୍କ ସମେତ ସମସ୍ତ ସଦସ୍ୟ, ଶିଶୁ ମନ୍ଦିରର ଗୁରୁଜୀ/ଗୁରୁମା ଓ ବ୍ରଜନଗର, ମୂଳାପାଳ, ବରପଦାର ଗ୍ରାମବାସୀ ସହଯୋଗ କରିଥିଲେ ।

# ରାସନକାର୍ଡ ସହ ଆଧାର ଲିଙ୍କ ନହେବରୁ ଶତାଧିକ ପରିବାର ରାସନକାର୍ଡରୁ ବଂଚିତ ଅଭିଯୋଗ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ୨୬ ଗୋଟି ପଂଚାୟତର ଶତାଧିକ ପରିବାରଙ୍କ ରାସନକାର୍ଡ ସହ ଆଧାର ଲିଙ୍କ ନହେବାରୁ ରାସନକାର୍ଡରୁ ବଂଚିତ ହୋଇ ଯାଇଥିବା ଅଭିଯୋଗ କରିଛନ୍ତି । ଫଳରେ ରାସନକାର୍ଡ ଧାରୀ ଚିନ୍ତିତ ହୋଇ ପଡିଥିବା ବେଳେ ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ଗ୍ରାମକୁ ଯାଇ ରାସନକାର୍ଡ ସହ ଆଧାରଲିଙ୍କ ବ୍ୟବସ୍ଥା କରି ରାସନକାର୍ଡକୁ ସଚଳ କରିବାକୁ ଦାବୀ ହେଉଛି । ସୂଚନାମତେ ଖଡିଆଳ ବ୍ଲକର ଅନେକ ହିତାଧିକାରୀଙ୍କ ରାସନକାର୍ଡ ରହିଥିଲେ ମଧ୍ୟ ରାସନକାର୍ଡରେ ଥିବା ପରିବାରର ସମସ୍ତ ସଦସ୍ୟଙ୍କ ନାମ ଆଧାର ଲିଙ୍କ ନହେବରୁ ସେହି ରାସନକାର୍ଡ ଅଚଳ ହୋଇପଡିଛି । ଏପରିକି ଯେଉଁ ପରିବାରର ଯେତେଜଣ ସଦସ୍ୟ ଅଛନ୍ତି, ସେହି ପରିବାରର ସମସ୍ତ ସଦସ୍ୟଙ୍କ ରାସନକାର୍ଡ ସହ ଲିଙ୍କ କରାଯିବାର ନିୟମ ରହିଛି । ଯଦି କୌଣସି କାରଣ ବସତଃ ତାହା ଲିଙ୍କ ହୋଇନପାରିଛି ତେବେ ସେହି ସଦସ୍ୟଙ୍କ ନାମ ରାସନକାର୍ଡ ଲିଷ୍ଟରୁ କଟି ଯାଇଥିବା ଦେଖିବାକୁ ମିଳିଛି । ଯାହାଫଳରେ ଅନେକ ହିତାଧିକାରୀ ଆସି ଖଡିଆଳ ବିପଣନ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଖଡିଆଳ ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ଅନେକ ପରିବାର ଗରିବ ଏବଂ ଶ୍ରମିକ ଶ୍ରେଣୀର ବସବାସ କରୁଛନ୍ତି । ହେଲେ ସରକାରଙ୍କ ପ୍ରଚଳିତ ଖାଦ୍ୟ ସୁରକ୍ଷା ଆଇନ ବଳରେ ଯୋଗ୍ୟ ହିତାଧିକାରୀ ମାନେ ମଧ୍ୟ ରାସନକାର୍ଡ ପାଇବାରୁ ବଂଚିତ ରହି ଯାଇଛନ୍ତି । ଖଡିଆଳ ବ୍ଲକର ଅନେକ ଗ୍ରାମର ଶତାଧିକ ପରିବାର ଏହି ରାସନକାର୍ଡ ପାଇବାରୁ ବଂଚିତ ରହିଥିବା ବେଳେ ଏନେଇ ଜିଲ୍ଲାପାଳ, ଖଡିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ, ବିପଣନ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଆସୁଛନ୍ତି । ହେଲେ ସୁଫଳ ମିଳି ପାରୁନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବଂଚିତ ପରିବାରଙ୍କୁ ରାସନକାର୍ଡ ଯୋଗାଇ ଦେବାସହ ସମସ୍ତ ରାସନ କାର୍ଡଧାରୀଙ୍କୁ ଆଧାର ସହ ଲିଙ୍କ କରି ରାସନକାର୍ଡଙ୍କୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ମା ବ୍ରାହ୍ମଣୀଦେବୀ ମନ୍ଦିରର ନୂତନ ପରିଚାଳନା କମିଟି

କନ୍ଧମାଳ,(ପିଏନ)- ଫୁଲବାଣୀ ସହରର ଅମଲାପଡାରେ ଥିବା ପ୍ରତ୍ୟକ୍ଷ ଠାକୁରାଣୀ ମା'ବ୍ରାହ୍ମଣୀଦେବୀ ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଭାଇସ ଚେୟାରମ୍ୟାନ ସିମାଂଚଳ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା । ଏଥିରେ ସଭାପତି ଭାବେ ସର୍ବସମ୍ମତିକ୍ରମେ କେ.ଲକ୍ଷ୍ମୀନାରାୟଣ ଦୋରା, ଉପସଭାପତି ଭାବେ ତପନ ତ୍ରିପାଠୀ, ସାଧାରଣ ସଂପାଦକ ଭାବେ ଦ୍ୱିତୀୟଥର ପାଇଁ ବଦ୍ୟନାଥ ବେହେରା, ଯୁଗ୍ମସଂପାଦକ ଭାବେ ସନ୍ଦିପ ମହାନ୍ତି, ସଂଗଠନ ସଂପାଦକ ମହାଦେବ ସାହୁ ଓ କୋଷାଧ୍ୟକ୍ଷ ଭାବେ ଶଙ୍କର କୁମାର ଦୋରା ମନୋନୀତ ହୋଇଛନ୍ତି ।
ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦୁର୍ଗାପ୍ରସାଦ ତ୍ରିପାଠୀ, ସିମାଂଚଳ ପଟ୍ଟନାୟକ, ରାମଚନ୍ଦ୍ର ସେନାପତି, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ବେହେରା, ସିମାଂଚଳ ଆଚାର୍ଯ୍ୟ, ବଳଭଦ୍ର ପାଣିଗ୍ରାହୀ, ସିଦ୍ଧେଶ୍ୱର ଦାସ, ସୁନାଶୀର ମହାପାତ୍ର, ସରୋଜ ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ଜଗଦାନନ୍ଦ ପାତ୍ର, ଗୌତମ କହଁର,(ପୂଜାରୀ), ପଦ୍ମଚରଣ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ରାକେଶ ରଂଜନ ବେହେରା, ଏଲ. କୁମାର ପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳିରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି ଓ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ମହାପାତ୍ର ମନୋନୀତ ହୋଇଛନ୍ତି । ମା'ବ୍ରାହ୍ମଣୀଦେବୀ ମନ୍ଦିରର ସାମୁହୀକ ବିକାଶ ସହ ଚୈତ୍ର ଉତ୍ସବ ଯେପରି ଶାନ୍ତି ଶୃଙ୍ଖଳାର ପାଳିତ ହେବ ସେଥିପ୍ରତି ନବନିର୍ବାଚିତ କମିଟି ଦୃଷ୍ଟିଦେବ ବୋଲି କହିଛନ୍ତି ସାଧାରଣ ସଂପାଦକ ବଦ୍ୟନାଥ ବେହେରା । ଏଥିପାଇଁ ସମସ୍ତ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଛି ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ଅବହେଳିତ କପୁରଗଡ ଗ୍ରାମ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କିରିକିଟା ପଂଚାୟତର କପୁରଗଡ ଗ୍ରାମ ଘଂଚ ପାହାଡ ଉପରେ ତଥା ସମୁଦ୍ର ପତନ ଠାରୁ ୧୦୦୦ ଫୁଟ ଉପରେ ଅବସ୍ଥିତ । ଖଡିଆଳ ସହର ଠାରୁ ପ୍ରାୟ ୧୫ କି.ମି. ଦୂର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଏହି ଗ୍ରାମ ଓଡ଼ିଶାରୁ ବିଚ୍ଛିନ୍ନ ଥିବା ପରି ଜଣା ପଡୁଅଛି । ଏହି ଗ୍ରାମରେ ୧୦ ଆଦିବାସୀ ପରିବାର ବସବାସ କରୁଥିବା ବେଳେ କୃଷି, ଜଙ୍ଗଲ ଜାତ ଦ୍ରବ୍ୟ ଓ ଶ୍ରମିକ କାର୍ଯ୍ୟ କରି ନିଜ ଜିବିକା ନିର୍ବାହ କରିଥାନ୍ତି । ଏହି ଗ୍ରାମର ମୋଟ ଜନସଂଖ୍ୟା ପାଖାପାଖି ୧୦୦ ଥିବା ବେଳେ ୬ ରୁ ୧୪ ବର୍ଷର ଛାତ୍ର ଛାତ୍ରୀ ସଂଖ୍ୟା ୩୮ ଅଟେ । ଦେଶ ସ୍ୱାଧିନ ହେବାର ୭୨ ବର୍ଷ ହୋଇ ଯାଇଥିଲେ ମଧ୍ୟ ଗ୍ରାମବାସୀ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ ହୋଇ ରହିଛନ୍ତି । ଲୋକେ ଏବେ ମଧ୍ୟ ଆଦିବାସୀ ଜୀବନଯାପନ କରୁଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଆଣି ଯିବାକୁ ହେଲେ ଗ୍ରାମବାସୀଙ୍କୁ ୨ କି.ମି. ଘଂଚ ଜଙ୍ଗଲ ମଧ୍ୟରେ ଅତିକ୍ରମ କରିବାକୁ ପଡିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନା, ପାନୀୟ ଜଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସରକାରୀ ଯୋଜନା ଏହି ଗ୍ରାମ ପାଇଁ ସାତ ସପନ ପାଲଟିଛି । ଉକ୍ତ ଗ୍ରାମ ଓଡ଼ିଶା ରାଜ୍ୟରୁ ବିଚ୍ଛିନ୍ନ ଅଂଚଳ ଭାବରେ ପରିଗଣିତ ହେଉଅଛି । ଘଂଚ ଜଙ୍ଗଲ ମଧ୍ୟରେ ବସବାସ କରୁଥିବାରୁ ଏମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେ ଯଥା ମ୍ୟାଲେରିଆ, ଡାଇରିଆ, ଗର୍ଭବତୀ ମହିଳାଙ୍କ ପ୍ରସୂତି ପାଇଁ ଘୋର ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି । ଭାରତ ସ୍ୱାଧିନୀତାର ୭୨ ବର୍ଷ ବିତି ଯାଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଏବଂ ୨୦୦୧ ଜନଗଣନା ଅନୁସାରେ ଓଡ଼ିଶାର ସାକ୍ଷରତା ହାର ୬୩.୦୩ ପ୍ରତିଶତ ଓ ୨୦୧୧ ଜନଗଣନାରେ ଓଡ଼ିଶାର ସାକ୍ଷରତା ହାର ବୃଦ୍ଧିପାଇ ୭୩.୪୫ ପ୍ରତିଶତ ହୋଇଛି । ସେହିଭଳି ନୂଆପଡା ଜିଲ୍ଲା ୨୦୦୧ ଜନଗଣନାରେ ସାକ୍ଷରତା ହାର ୪୨ ପ୍ରତିଶତ ଥିବା ବେଳେ ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ସାକ୍ଷରତା ହାର ବୃଦ୍ଧିପାଇ ୫୮.୦୨ ପ୍ରତିଶତ ହୋଇଛି । ତଥାପି କପୁରଗଡ ଗ୍ରାମବାସୀଙ୍କ ପାଇଁ ସାକ୍ଷର ବହୁ ଦୂରରେ । ପାନୀୟ ଜଳ କହିଲେ ଗ୍ରାମରେ ଏକ ମାତ୍ର ସରକାରୀ କୂଅ ରହିଅଛି । ଯାହାର ପାଣିକୁ ବର୍ଷ ସାରା ଗ୍ରାମବାସୀ ପିଇବା ପାଣି ରୂପେ ବ୍ୟବହାର କରିଥାନ୍ତି । ଫଳରେ ଏହି ପାଣି ପାନ ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ନିକଟସ୍ଥ ବଣ ଜଙ୍ଗଲ ଘେରା ସମାଡପଦର ଗ୍ରାମକୁ ଯାତାୟତ କରିବା ପାଇଁ ରାସ୍ତା ତିଆରି କରିବା ପାଇଁ ସରକାର ଅର୍ଥ ଯୋଗାଇ ଦେଉଥିବା ବେଳେ କପୁରଗଡ ଗ୍ରାମକୁ ସରକାରଙ୍କ କେବେ ଶୁଭ ଦୃଷ୍ଟି ପଡିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମରେ ଥିବା ସମସ୍ୟା ସବୁର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।




## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ବିକ୍ଷୋଭ

ବାଲେଶ୍ୱର-(ପିଏନ) :ବାଲେଶ୍ୱର ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଇପିଏଫ୍ ପେନ୍‌ସନ୍ ଭୋଗୀମାନେ ୪ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫକୀରମୋହନ ଗୋଲେଇ ଛକଠାରୁ ଏକ ଶୋଭାଯାତ୍ରାରେ ଏହି ପେନ୍‌ସନ୍ ଭୋଗୀମାନେ ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନ୍‌ସନ୍ , ବାର୍ଷିକ ବେତନ ଅନୁସାରେ ପେନ୍‌ସନ୍, ମହଙ୍ଗା ଭତ୍ତା,ସରକାରୀ ଯୋଜନାରେ ସ୍ୱାସ୍ଥ୍ୟସେବା ଭଳି ପ୍ରମୁଖ ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟାକଲା ସ୍ୱାମୀ

ବାଲେଶ୍ୱର(ପିଏନ):ବରହମ୍ପୁର ଥାନା ଅନ୍ତର୍ଗତ ମାଟିଆଳି ପଞ୍ଚାୟତ ଅଧିନସ୍ଥ ଗୋବିନ୍ଦପୁରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଜଣକ ତାକୁ ପିଟିପିଟି ମାରିଦେବା ଘଟଣା ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଉକ୍ତ ଗ୍ରାମର ରବିନ୍ଦ୍ର ସିଂ (୫୨) ନିଜ ସ୍ତ୍ରୀ ସୋମବାରୀ (୪୮)ଙ୍କ ଚରିତ୍ର ଉପରେ ସନ୍ଦେହ କରିବାରୁ ରାତିରେ ଉଭୟଙ୍କ ମଧ୍ୟରେ କଳିଗୋଳ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ରବିନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିଲେ । ଏଖବର ପ୍ରଚାରିତ ହେବାପରେ ବରହମ୍‌ପୁର ଆଇଆଇସି ପ୍ରବଞ୍ଜନ ବେହେରା ହତ୍ୟାକାଣ୍ଡ ସ୍ଥଳକୁ ଯାଇ ତଦନ୍ତ କରିବା ସହ ପତ୍ନୀହନ୍ତା ସ୍ୱାମୀ ରବିନ୍ଦ୍ରଙ୍କୁ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଗାନ୍ଧୀ କଥା ଓ ଯୁବ ଶିବିର ଅନୁଷ୍ଠିତ

ନେଉଳପୁର, ୧୧/୨(ପି.ଏନ)- ଚଣ୍ଡିଖୋଲ ବାବା ଭୈରାବନନ୍ଦ ସ୍ୱାୟଂ ଶାସିତ ମହାବିଦ୍ୟାଳୟ ପରିସରରେ କଟକ ନିଆଳିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠିତ ଗାନ୍ଧୀ କଥା ଓ ଯୁବ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ବିରେନ୍ଦ୍ର କୁମାର ମିଶ୍ର ଉଏହି ଏକ ଦିନିଆ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାନ୍ଧୀବାଦୀ ଡ. ମିହିର ପ୍ରତାପ ଦାସ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଅର୍ଥନୀତି ପ୍ରାଧ୍ୟାପକ ତଥା ଗ୍ରାମୀଣ ସେବକ ସମାଜର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ.ସେକ କଲିମ ଉଲ୍ଲା ଓ ସମ୍ମାନିତ ଅତିଥି ଭାବେ ଇତିହାସ ପ୍ରାଧ୍ୟାପକ ପ୍ରଫେସର ସଲିଳ ରାଜନନ୍ଦନ ମହାନ୍ତି, ପ୍ରଫେସର ସୁଜାତା ସେନାପତି, ଅଧ୍ୟାପକ ନିରଞ୍ଜନ ବେହେରା, ଗ୍ରାମୀନ ସେବକ ସମାଜର ସଂପାଦକ ସମାଜସେବୀ ଅଧ୍ୟାପକ ସନ୍ତୋଷ କୁମାର ମାଝୀ ପ୍ରମୁଖ ଯୋଗ ଦେଇ ଆଧୁନିକ ଯୁଗରେ ଗାନ୍ଧୀଙ୍କ ନିତି ଆଦର୍ଶରେ ବୁଝାଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗାନ୍ଧୀ କଥା ଉପରେ ଭାଷଣ ଓ ଲେଖନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀ ବଳରାମ ସାମଲ, ତୁଷାରକାନ୍ତ ସାହୁ, ଲମ୍ବୋଧର ମଲିକ, ଦେବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ ।

## ପୋଲ ଉପରେ ଲଟକିଲା ଟ୍ରକ ଅଳ୍ପକେ ବର୍ତ୍ତିଲା ଚାଳକ

ନେଉଳପୁର, ୧୧/୨(ପି.ଏନ)- ମଙ୍ଗଳବାର ଅପରାହ୍ନରେ ସୁକିନ୍ଦା ଅଂଚଳରୁ ଖଣିଜ ପଦାର୍ଥ ନେଇ ଆସୁଥିବା ଏକ ଟ୍ରକ ଓଆର୦୯ଇ୦୫୦୧ ଚଣ୍ଡିଖୋଲ ନିକଟସ୍ଥ ଖୋସାଲିପୁର ପୋଲ ଉପରେ ବାଡାକୁ ଭାଙ୍ଗି ଓହଳିକି ରହିଥିବା ଦେଖିବାକୁ ମିଳିଛି । ଏହି ଦୁର୍ଘଟଣାରେ ଚାଳକଟି ଡେଇଁପଡି ବଂଚି ଯାଇଥିଲା ବେଳେ ପ୍ରବଳ ମଦ୍ୟପାନ ଯୋଗୁ ଭାରସାମ୍ୟ ହରାଇ ଏପରି ଦୁର୍ଘଟଣା ଘଟିଥିବା ଜଣାଯାଇଛି ।

## ବଜାଜ ଆଲିଆଞ୍ଜ୍ ଜେନେରାଲ ଇନ୍ସୁରାନ୍ସ ପକ୍ଷରୁ 'ହେଲ୍‌ଥ ଇନ୍‌ଫିନିଟି'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ବୀମା ପ୍ରଦାନକାରୀ ସଂସ୍ଥା ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ 'ହେଲ୍‌ଥ ଇନ୍‌ଫିନିଟି'ର ଶୁଭାରମ୍ଭ କରାଯାଇଛି, ଯାହାକି ହେଉଛି ଅସୀମିତ ବୀମା ରାଶି (ଏସ୍‌ଆଇ) ପ୍ରଦାନ କରୁଥିବା ଇଣ୍ଡଷ୍ଟ୍ରିର ପ୍ରଥମ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଯୋଜନା । ହେଲ୍‌ଥ ଇନ୍‌ଫିନିଟି ଅଧୀନରେ ଜଣେ ବ୍ୟକ୍ତି ୩,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କା ମଧ୍ୟରେ ପ୍ରତିଦିନ ରୁମ୍ ଭଡା ବିକଳ୍ପ ଆଧାରରେ କଭରେଜ୍ ସୀମା ଚୟନ କରିପାରିବେ । ଚୟନ କରାଯାଇଥିବା ବିକଳ୍ପ ଆଧାରରେ ବୀମାକାରୀଙ୍କୁ ପ୍ରତିଦିନ ରୁମ୍ ଭଡା ସୀମାର ୧୦୦ଗୁଣ କ୍ଷତିପୂରଣ ପ୍ରଦାନ କରାଯିବ । ଏହାପରେ ଯଦି ଦାବି କରାଯାଇଥିବା ରାଶି ଅଧିକ ରହେ ତେବେ ଗ୍ରାହକଙ୍କ ଦ୍ୱାରା ବୀମା କିଣିବା ସମୟରେ ଚୟନ କରାଯାଇଥିବା ବିକଳ୍ପ ଅନୁସାରେ ୧୫%, ୨୦% ଓ ୨୫%ର ଏକ କୋ-ପେମେଂଟ୍ ବ୍ୟବସ୍ଥା ଲାଗୁ ହେବ । ଏହି କୋ-ପେମେଂଟ୍ କେବଳ ଦାବି କରାଯାଇଥିବା ରାଶି ଉପରେ ଲାଗୁ ହେବ ଯାହା ରୁମ୍ ଭଡାଠାରୁ ୧୦୦ ଗୁଣ ଅଧିକ ରହିଥାଏ ଏବଂ ମୋଟ କ୍ଲେମ୍ ରାଶି ଉପରେ ଲାଗୁ ହେବ ନାହିଁ ।

ଏହି ବୀମା ବିନା କୌଣସି ସବ୍‌ଲିମିଟ୍‌ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ କଭର୍ କରିଥାଏ ଏବଂ ଏହାକୁ ୧ ବର୍ଷ, ଦୁଇ ବର୍ଷ କିମ୍ବା ୩ ବର୍ଷର ଅବଧି ପାଇଁ କିଣାଯାଇପାରିବ । ଏହି ବୀମାର ପ୍ରିମିୟମ ପ୍ରସ୍ତାବକଙ୍କ ବୟସ, ତାଙ୍କ ଦ୍ୱାରା ଚୟନ କରାଯାଇଥିବା ହସ୍ପିଟାଲ ରୁମ୍‌ର ଦୈନିକ ଭଡା ଉପରେ ନିର୍ଭର କରିଥାଏ ଏବଂ କୋ-ପେମେଂଟ୍ ବିକଳ୍ପ ଉପଲବ୍ଧ ହୋଇଥାଏ । ଉଦାହରଣ ସ୍ୱରୁପ, ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ପାଇଁ ୧୦,୦୦୦ ଟଙ୍କାର ଦୈନିକ ରୁମ୍ ଭଡା ପାଇଁ ପ୍ରିମିୟମ ହେବ ୧୪,୬୦୦ ଟଙ୍କା । ହେଲ୍‌ଥ ଇନ୍‌ଫିନିଟିର ଶୁଭାରମ୍ଭ ଅବସରରେ ବଜାଜ ଆଲିଆଞ୍ଜ୍ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ଶ୍ରୀଯୁକ୍ତ ତପନ ସିଂଘେଲ କହିଛନ୍ତି, "ଆମର ଦୃଢ ବିଶ୍ୱାସ ରହିଛି ଯେ, ପର୍ଯ୍ୟାପ୍ତ କଭରେଜ୍ ସହ ଏକ ସ୍ୱାସ୍ଥ୍ୟ ବୀମା ଯୋଜନା ଜଣେ ବ୍ୟକ୍ତିଙ୍କ ଜୀବନ ପ୍ରତ୍ୟାଶାକୁ ବଢାଇଥାଏ ଏବଂ ଏହା ଆମକୁ ବୀମା ସେବା କ୍ଷେତ୍ରରେ ନିରନ୍ତର ଉଦ୍ଭାବନ ଜାରି ରଖିବାକୁ ପ୍ରେରିତ କରିଥାଏ । ହେଲ୍‌ଥ ଇନ୍‌ଫିନିଟି ସହ ଆମେ ବୀମା ଶିଳ୍ପରେ ପ୍ରଥମ ଥର ପାଇଁ ଅସୀମିତ ବୀମା ରାଶି ସହ ଲୋକଙ୍କୁ ବାସ୍ତବରେ ଅସୀମିତ ସେବା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଗ୍ରାହକଙ୍କ ପାଇଁ ଏକ କଭର୍‌ର ଶୁଭାରମ୍ଭ କରିଛୁ ।"

## କରୋନା ଭାଇରସ୍ ନିମନ୍ତେ ଡା. ବାତ୍ରାଜ୍ କ୍ଲିନିକ୍ ପକ୍ଷରୁ ମାଗଣା ପ୍ରତିଷେଧକ ବ୍ୟବସ୍ଥା

ଭୁବନେଶ୍ୱର: ବିଶ୍ୱର ସର୍ବବୃହତ୍ ହୋମିଓପାଥିକ୍ କ୍ଲିନିକ ଡଃ ବାତ୍ରାସ୍, କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଲୋକ ମାନଙ୍କୁ ମାଗଣାରେ ହୋମିଓପାଥିକ ପ୍ରତିଷେଧକ ଔଷଧ ପ୍ରଦାନ କରିବାକୁ ଘୋଷଣା କରିଛି । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହି ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ହୋମିଓପାଥିକ ଔଷଧ ଆର୍‌ସେନିକ୍ ଏଏଲ୍‌ବି ୩୦ର ବ୍ୟବହାର କରିବାକୁ ପରାମର୍ଶ ଜାରି କରାଯାଇଛି । ଏହି ଔଷଧକୁ ଦେଶବ୍ୟାପୀ ୧୨୩ଟି ସହରରେ ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ପ୍ରାୟ ୨୦୦ ଡା. ବାତ୍ରାଜ୍ କ୍ଲିନିକ୍‌ରେ ମାଗଣାରେ ବିତରଣ କରାଯିବ ।କରୋନା ଭାଇରସ୍‌ର ଲକ୍ଷଣଗୁଡିକ ଫ୍ଲୁ ତଥା ସାଧାରଣ ଥଣ୍ଡା, କାଶ, ଜ୍ୱର ଓ ମୁଣ୍ଡବ୍ୟଥା ସହ ସମାନ ହୋଇଥାଏ । ଅଧିକାଂଶ ସମୟ ଯାତ୍ରା କରୁଥିବା ଲୋକେ ଅଧିକ ଦୁର୍ବଳ ହୋଇଥାନ୍ତି ଓ ସେମାନଙ୍କୁ ଏହି ସଂକ୍ରମଣ ହେବାର ସମ୍ଭାବନା ରହିଥାଏ । ଗର୍ଭବତୀ ମହିଳା, ପିଲା ତଥା ବୟସ୍କ ଏବଂ ଆସ୍ଥମା, ମଧୁମେହ, ହୃଦ୍‌ରୋଗ ଓ ଅନ୍ୟାନ୍ୟ ଶ୍ୱାସ ସମ୍ବନ୍ଧିତ ରୋଗରେ ପୀଡିତ ଥିବା ଲୋକମାନେ ଏହି ଭାଇରସ୍‌ରେ ଶିକାର ହେବାର ଅଧିକ ଆଶଙ୍କା ଥାଏ ।ଏହା ସମ୍ପର୍କରେ ଡା. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ସଂସ୍ଥାପକ ପଦ୍ମଶ୍ରୀ ଡା. ମୁକେଶ ବାତ୍ରା କହିଛନ୍ତି, "ଦେଶବ୍ୟାପୀ ୧୨୩ଟି ସହରରେ ଆମର ପହଂଚ ଓ ଉପସ୍ଥିତି ଏବଂ ୪୦୦ରୁ ଅଧିକ ଚିକିତ୍ସା ବିଶେଷଜ୍ଞଙ୍କ ସହ ଆମେ ଏହି ସଂକ୍ରମଣକୁ ରୋକିବା ପାଇଁ ହୋମିଓପାଥିର ବ୍ୟବହାର କରିବା ନେଇ ଭାରତ ସରକାରଙ୍କ ପ୍ରୟାସକୁ ସହଯୋଗ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛୁ । ଏହା ଆମକୁ ଆମର 'ଏକ ରୋଗ-ମୁକ୍ତ ଭାରତ' ଲକ୍ଷ୍ୟକୁ ହାସଲ କରିବା ଦିଗରେ ସହଯୋଗ କରିବ ।"ଏହି ମାଗଣା ପ୍ରତିଷେଧକ ବ୍ୟବସ୍ଥା ପାଇବା ପାଇଁ ଉପଭୋକ୍ତାମାନେ ସେମାନଙ୍କ ନିକଟସ୍ଥ ଡା. ବାତ୍ରାସ୍ କ୍ଲିନିକ୍ କିମ୍ବା www.drbatras.comକୁ ଯାଇପାରିବେ । ଆପଣଙ୍କର ମାଗଣା ହୋମିଓପାଥିକ ପ୍ରତିଷେଧକ ଔଷଧ ସଂଗ୍ରହ କରିବାଲାଗି ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୯୧୬୭୭୯୧୬୭୭କୁ କଲ୍ କରନ୍ତୁ ।

## ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ସାମିଲ ହେଲା ଫେନ୍ସିଙ୍ଗ୍

ନୂଆଦିଲ୍ଲୀ : ଯେତେବେଳେ ଆମେ ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ବାଜି କଥା ଚିନ୍ତା କରିଥାଉ ସେତେବେଳେ ଆମ ମନକୁ ପ୍ରଥମ ୩ଟି ଖେଳ ହିଁ ଆସିଥାଏ, ଆଉ ତାହା ହେଉଛି ସୁଟିଙ୍ଗ୍, କୁସ୍ତି ଓ ବ୍ୟାଡ୍‌ମିଂଟନ । କିନ୍ତୁ ଭାରତ ସରକାର ଏବେ ଅନ୍ୟ କ୍ଷେତ୍ରରେ ମଧ ପ୍ରତିଭା ଅନ୍ୱେଷଣ ପାଇଁ ଚେଷ୍ଟା କରୁଛନ୍ତି । ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଫେନ୍ସିଙ୍ଗର ଆୟୋଜନ ହେଲେ ଏହି ଖେଳ ଏକ ବିଶାଳ ମଂଚ ପ୍ରଦାନ କରିବ । ଏହି କ୍ରୀଡା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଡେବ୍ୟୁ କରିବାକୁ ଯାଉଛି । ଦେଶର କୋଣଅନୁକୋଣରେ ଥିବା ଫେନ୍ସରମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବା ପାଇଁ ଖୁବ୍ ଉତ୍ସାହିତ ଅଛନ୍ତି, ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ୨୦୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ।ଏସମ୍ପର୍କରେ ଗୁରୁ ନାନକ ଦେବ୍ ୟୁନିଭର୍ସିଟି ଟିମ୍‌ର ଜଗମିତ କୌର କହିଛନ୍ତି, ଭାରତର ଫେନ୍ସରମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଖେଳିବା ଦ୍ୱାରା ଅଧିକ ଏକ୍ସପୋଜର ପାଇପାରିବେ । ଗତବର୍ଷ ସାଉଥ୍ ଏସିଆନ୍ ଗେମ୍ସରେ ଗୋଲ୍ଡ (ଟିମ୍ ଇଭେଂଟ୍) ଜିତିଥିବା ଜଗମିତଙ୍କ ମତରେ, ଭାରତରେ ଖେଲୋ ଇଣ୍ଡିଆ ଏବେ ଏକ ବ୍ରାଣ୍ଡରେ ପରିଣତ ହୋଇଛି । ପଞ୍ଜାବି ୟୁନିଭର୍ସିଟି ଟିମ୍ ପକ୍ଷରୁ ଖେଳିବାକୁ ଥିବା ଏନା ଅରୋରା କହିଛନ୍ତି, ସରକାରଙ୍କ ପକ୍ଷରୁ ନିରନ୍ତର ସମର୍ଥନ ଯୋଗୁ ଭାରତୀୟ ଫେନ୍ସରମାନେ ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଧିକ ଉନ୍ନତ ପ୍ରଦର୍ଶନ କରିପାରିବେ । ଏହା ଏକ ଭଲ କଥା ଯେ, ଭାରତ ସରକାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ମାଧ୍ୟମରେ ଫେନ୍ସିଙ୍ଗ୍‌କୁ ସମର୍ଥନ କରୁଛନ୍ତି । ସରକାରଙ୍କ ନିରନ୍ତର ସମର୍ଥନ ସହ ଭାରତୀୟ ଖେଳାଳିମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ମୁଁ ନିଶ୍ଚିତ । ସର୍ବୋଚ୍ଚ ସ୍ତରରେ ମେଡାଲ ଜିତିବା ପାଇଁ ଏବେ ଆମ ପାଖରେ ଉନ୍ନତ ସୁଯୋଗ ରହିଛି । ତାମିଲନାଡୁର ଫେନ୍ସର ଆର୍‌ଏସ୍ ସେର୍‌ଜିନ୍ ୭ ବର୍ଷ ବୟସରଙ୍କ ଫେନ୍ସିଙ୍ଗ ପ୍ରାକ୍ଟିସ୍ କରିବା ପାଇଁ ଆର୍ମି ସ୍ପୋର୍ଟସ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇଥିଲେ । ସେର୍‌ଜିନ୍ ବିଶ୍ୱାସ କରୁଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଜୁନିୟର ଓ ସିନିୟର ସ୍ତରର ପ୍ରତିଯୋଗିତା ମଧ୍ୟରେ ଏକ ବ୍ରିଜ୍ ଭାବେ କାମ କରିବ । ଜୁନିୟରରୁ ସିନିୟର ବର୍ଗକୁ ଯିବା ଅତ୍ୟନ୍ତ କଠିନ ହୋଇଥାଏ । ତେଣୁ ଖେଳାଳିମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ଲାଗି ବିଶ୍ୱ ବିଦ୍ୟାଳୟ ସ୍ତରରେ ପ୍ରଦର୍ଶନ କରିପାରିବେ । ସେମାନେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ମଧ ଅଂଶଗ୍ରହଣ କରିପାରିବେ । ସେହିପରି ଗୁରୁ ନାନକ ଦେବ୍ ୟୁନିଭର୍ସିଟିର ଉଦୟବୀର ସିଂହଙ୍କ ମତରେ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଭାରତର ଅଧିକାଂଶ ଫେନ୍ସରଙ୍କୁ ବଡ ଏକ୍ସପୋଜର ପ୍ରଦାନ କରିବ । ଭାରତରେ ପ୍ରତିଦ୍ୱନ୍ଦୀ ସ୍ତର ଖୁବ୍ କମ୍ ରହିଛି । ମୁଁ ଗତ ଦେଢ ବର୍ଷ ହେବ ଫ୍ରାନ୍ସରେ ପ୍ରଶିକ୍ଷଣ ନେଇ ଆସୁଥିଲି ଏବଂ ଭାରତ ତୁଳନାରେ ସେଠାକାର ଫେନ୍ସରମାନେ ଅଧିକ ଉନ୍ନତ । କାରଣ ଭାରତର ଫେନ୍ସରଙ୍କ ନନିକଟରେ ଅଧିକ ଏକ୍ସପୋଜର ନାହିଁ । ଯେତେବେ ଅଧିକ ଏକ୍ସପୋଜର ମିଳିବ ଖେଳାଳିମାନେ ସେତେ ଅଧିକ ଉନ୍ନତ ହୋଇପାରିବେ ।

## ବ୍ରହ୍ମାନନ୍ଦ ନାରାୟଣ ମଲ୍ଟି ସ୍ପେସାଲିଟି ହସ୍ପିଟାଲ୍‌ରେ "ବ୍ଲୁ ବେବି"ର ସଫଳ ଚିକିତ୍ସା

ଭୁବନେଶ୍ୱର; ନ୍ୟାସ୍‌ନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ ଅନୁଶାରେ ଶିଶୁ ମୃତ୍ୟୁ ହାର ( ଆଇ.ଏମ୍.ଆର୍) ଭାରତରେ ୧୦୦୦ରୁ ୩୪ କେବଳ ଜନ୍ମମୃତ୍ୟୁ ହିଁ ହୋଇଥାଏ, ଯେଉଁଥିରୁ ୧୦ ପ୍ରତିସତ ଶିଶୁ କେବଳ ହୃଦ୍‌ରୋଗ ଜନିତ ରୋଗ କାରଣରୁ ପ୍ରାଣ ହରାଇଥାନ୍ତି । ବିକଶିଳ ଦେଶମାନଙ୍କରେ "ବ୍ଲୁ ବେବି" ଏକ ଚିନ୍ତାର ବିଷୟ ପାଲଟିଛି, ଖାସ୍ କରି ଗ୍ରାମିଣ ଅଚଂଳମାନଙ୍କରେ । ଏହି ପ୍ରକାର ଶିଶୁମାନେ ଏକ ହୃଦ୍‌ରୋଗ ଜନିତ ରୋଗ ସହିତ ଜନ୍ମନେଇଥାନ୍ତି ଓ ଏମାନଙ୍କୁ ତୁରନ୍ତ ସଠିକ୍ ଚିକିତ୍ସାର ଅବଶ୍ୟକତା ଥାଏ । ନିକଟରେ ପ୍ରକାଶ ପାଇଥିବା ତଥ୍ୟ ଅନୁଶାରେ ଓଡିଶାରେ ମଧ୍ୟ ପ୍ରତି ୨୪ ଘଣ୍ଟାରେ ୨୩ ଜଣ ହୃଦ୍‌ରୋଗ ଜନିତ ରୋଗରୁ ମୃତ୍ୟୁମୁଖରେ ପଡୁଛନ୍ତି । କିଛିକ୍ଷେତ୍ରରେ ନବଜନ୍ମିତ ଶିଶୁ ମଧ୍ୟ ଏହାର ଶିକାର ହେଉଛନ୍ତି, ଯାହା ସ୍ପଷ୍ଟ ସୁଚାଉଛି କି ଆସନ୍ତା ପିଢି ପ୍ରତି ମଧ୍ୟ ଏହି ରୋଗର ଆସଙ୍କା ରହିଛି । ଏହି ଦିଗରେ ସଚେତନତା ସୃଷ୍ଟିକରିବା ସହିତ ଓଡିଶାରେ ସଠିକ୍ ସମୟରେ ଚିକିତ୍ସା ଉପଲବ୍ଧ କରିବା ପାଇଁ ନାରାୟଣ ହେଲ୍‌ଥ ସର୍ବଦା ଚେଷ୍ଟା କରିଥାଏ । ନିକଟରେ ବ୍ରହ୍ମାନନ୍ଦ ନାରାୟଣ ମଲ୍ଟିସ୍ପେସାଲିଟି ହସ୍ପିଟାଲ୍ ଏକ ୩ ଦିନର ଶିଶୁକୁ ଚିକିତ୍ସା କରିବାରେ ସଫଳ ହୋଇଛି, ଯାହାରକି ଜନ୍ମରୁ ହିଁ ଫୁସ୍‌ଫୁସ୍ ଧମନି ନଥିଲା । ଏହି ସଫଳ ଚିକିତ୍ସା ହୃଦ୍‌ରୋଗ ଏବଂ ଶିଶୁରୋଗ ବିଶେଷଜ୍ଞ ଡଃ.ପଙ୍କଜ୍ କୁମାର ଗୁପ୍ତାଙ୍କ ତତ୍ୱବଧାନରେ ତଥା ଏଚ୍.ଓ.ଡି,ଆନେଷ୍ଟଥିଆ ଡଃ. ଉମେଶ ପ୍ରସାଦ ଏବଂ ହୃଦ୍‌ରୋଗ ବିଶେଷଜ୍ଞ ଡଃ. ଅଭୟ କ୍ରିଷ୍ଣାଙ୍କ ଉପସ୍ଥିତିରେ ହୋଇଥିଲା ।ହୃଦ୍‌ରୋଗ ଏବଂ ଶିଶୁରୋଗ ବିଶେଷଜ୍ଞ ଡଃ.ପଙ୍କଜ୍ କୁମାର ଗୁପ୍ତା କହିଛନ୍ତି ଯେ, " ଫୁସ୍‌ଫୁସ୍ ଧମନୀ ଜନିତ ରୋଗ ଏକ ଦୁର୍ଲଭ ବିମାରି ଏହା ୧୦୦୦ଶିଶୁରେ ୧ଜଣକୁ ହୋଇଥାଏ, ଜଦି ସଠିକ୍ ସମୟରେ ଚିକିତ୍ସା ନ କରାଯାଏ ଏହା ଜୀବନ ପ୍ରତି ବିପଦ ସାଜିଥାଏ । ଏହି ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷଣ ପରେ ଜଣା ପଡିଲା ଯେ ଶିଶୁର ଫୁସ୍‌ଫୁସ୍ ଧମନୀ ଜନ୍ମରୁ ହିଁ ନାହିଁ, ଯାହାକି ମଣିଷ ଶରୀରର ଏକ ଅତ୍ୟାବଶ୍ୟକିୟ ଅଙ୍ଗ । ଶିଶୁର ଅଶୁଦ୍ଧ ରକ୍ତ ଶରୀରରେ ମିଶୁଥିଲା ଯାହା କାରଣରୁ ଶିଶୁର ଦେହର ରଙ୍ଗ ନିଳ ପଡିଯାଉଥିଲା , ସାଧାରଣତଃ ଏହାକୁ "ବ୍ଲୁ ବେବି" କୁହାଯାଇଥାଏ ।""ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ଶିଶୁ ଅତ୍ୟନ୍ତ ଖରାପଥିବା ସମୟରେ ଶରୀରରେ ଅମ୍ଳଜାନ ପରିମାଣ ୧୦-୧୨ପ୍ରତିଶତ ରହିଥିଲା । ସାଧାରଣତଃ ଏହି ପରିସ୍ଥିତିରେ ଶିଶୁକୁ ୧ମାସ ପର୍ଯ୍ୟନ୍ତ ବଚାଂଇ ରଖିହୋଇଥାନ୍ତା । ଶିଶୁକୁ ତୁରନ୍ତ କ୍ୟାଥ୍ ଲ୍ୟାବ୍‌ରେ ଭର୍ତ୍ତିକରାଯାଇ ପି.ଡି.ଏ ଷ୍ଟେନିଂଗ ପ୍ରକ୍ରିୟାରେ ଚିକିତ୍ସା କରାଯାଇଥିଲା, ଯଦି ଏହା କିଛି ମୁହୁର୍ତ୍ତ ବିଳମ୍ବ ହୋଇଥାନ୍ତା ଶିଶୁକୁ ବଚାଂଇବା ଆମ ପାଇଁ ମଧ୍ୟ କଷ୍ଟକର ହୋଇ ଯାଇଥାନ୍ତା ବୋଲି ହୃଦ୍‌ରୋଗ ବିଶେଷଜ୍ଞ ଡଃ. ଅଭୟ କ୍ରିଷ୍ଣା କହିଛନ୍ତି ।""ଏହି ନବଜାତ ଶିଶୁକୁ ପ୍ରଥମ ପର୍ଯ୍ୟାୟରେ ସଫଳ ଚିକିତ୍ସାପରେ ୨ୟ ପର୍ଯ୍ୟୟରେ ଓପନ୍ ହାର୍ଟ ସର୍ଜରୀ ୧ରୁ ୧.୫ ବର୍ଷ ଭିତରେ କରାଯାଇ ଶିଶୁକୁ ସମ୍ପୁର୍ଣ୍ଣରୁପେ ସୁସ୍ଥ କରାଯାଇପାରିବ । ଏହି ପରିଶିଶୁମାନଙ୍କ ପ୍ରତି ସଠିକ୍ ଚିକିତ୍ସା ତଥା ବିଶେଷଜ୍ଞ ଅବଶ୍ୟକତା ରହିଛି ବୋଲି ଏଚ୍.ଓ.ଡି,ଆନେଷ୍ଟଥିଆ ଡଃ. ଉମେଶ ପ୍ରସାଦ କହିଛନ୍ତି ।"ବ୍ରହ୍ମାନନ୍ଦ ନାରାୟଣ ହସ୍ପିଟାଲ୍ ଝାରଖଣ୍ଡରେ ଅବସ୍ଥିତ ଏହା ୧୫୦ ଶଯ୍ୟା, ୫ ଓଟି, ଏବଂ ୧ ଷ୍ଟେଟ୍ ଅଫ୍ ଦ ଆର୍ଟ କ୍ୟାଥ୍ ଲ୍ୟାବ୍ ବିଶିଷ୍ଟ ଏକ ମଲ୍ଟିସ୍ପେସାଲିଟି ହସ୍ପିଟାଲ୍ ଅଟେ । ଏହା ଝାରଖଣ୍ଡ ସମତେ ଏହାର ପଡୋଶି ରାଜ୍ୟକୁ ମଧ୍ୟ ନିଜର ସେବା ପ୍ରଦାନ କରିଆସୁଛି ।

## ଦେଶବ୍ୟାପି ଅନ୍‌ଲାଇନ୍‌ରେ ଇଣ୍ଡିଆ ଫ୍ୟାକ୍ଟ କୁଇଜ୍-୨୦୨୦ ଶୁଭାରମ୍ଭ

ନୂଆଦିଲ୍ଲୀ : ଦେଶବ୍ୟାପି ଅନ୍‌ଲାଇନ୍‌ରେ ଇଣ୍ଡିଆ ଫ୍ୟାକ୍ଟ କୁଇଜ୍-୨୦୨୦ ଆରମ୍ଭ ହୋଇଛି । ପ୍ରଥମକରି ଯୁବବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଡିଜିଟାଲ କୁଇଜ୍ ଚାମ୍ପିୟନଶିପ୍ ଏବଂ ଟିଭି ଶୋ ଆରମ୍ଭ ହୋଇଥିବାବେଳେ ଏହାର ଏଂଟ୍ରି ଏବେ ଜାରି ରହିଛି । ଏଥିରେ ୧୭ରୁ୨୫ ବର୍ଷ ବୟସ୍କ ଯୁବବର୍ଗ ଅଂଶ ଗ୍ରହଣ କରିପାରିବେ । ଏହାର ପ୍ରିଲିମିନାରୀ ରାଉଣ୍ଡ ୱେବ୍ ସାଇଟ୍ www.indiafactquiz.comରେ ଉପଲବ୍ଧ ହେଉଛି । ଏହାପରେ ଏକ ରିଜିଓନାଲ ଫାଇନାଲ୍ ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା ଏବଂ ଲକ୍ଷ୍ନୌରେ ଅନୁଷ୍ଠିତ ହେବ । ଶେଷରେ ଜାତୀୟସ୍ତରୀୟ ଫାଇନାଲ ନୂଆଦିଲ୍ଲୀରେ ୨୦୨୦ ଏପ୍ରିଲ୍‌ରେ ଅନୁଷ୍ଠିତ ହେବ । ବିଜେତାଙ୍କୁ ୨୦ ଲକ୍ଷ ଟଙ୍କାର ଟେକ୍ ହାମ୍ପର ପୁରସ୍କାର ଭାବେ ପ୍ରଦାନ କରାଯିବ ଏବଂ ତାଙ୍କୁ ଭାରତର ପ୍ରଥମ ଫ୍ୟାକ୍ଟ କୁଇଜାର୍ଡ ଟାଇଟଲରେ ସମ୍ମାନୀତ କରାଯିବ । ଇଣ୍ଡିଆ ଫ୍ୟାକ୍ଟ କୁଇଜ୍‌ରେ ସାମାଜିକ ତଥା ବିକାଶ ସମ୍ପର୍କିତ ବିଷୟ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ, ଜଳବାୟୁ, ପରିବେଶ ଏବଂ ଜୀବନଜୀବିକା ଆଦି ବିଷୟକୁ ପ୍ରାଧାନ୍ୟ ଦିଆଯିବ । ପ୍ରତିଯୋଗୀ ଏସବୁ ବିଷୟ ଉପରେ ନିଜର ଜ୍ଞାନ ତଥା ସଚେତନତାର ପରିଚୟ ଦେବେ । ପ୍ରତି ପ୍ରଶ୍ନ ସହିତ ପ୍ରତିଯୋଗୀଙ୍କ ଜ୍ଞାନର ବିକାଶ ମଧ୍ୟ ହୋଇପାରିବ ।ଇଣ୍ଡିଆ ଫ୍ୟାକ୍ଟ କୁଇଜ୍-୨୦୨୦ ଦୁଇ ଭାଗରେ ବିଭକ୍ତ ହୋଇଛି । ପ୍ରଥମଟି ଅନ୍‌ଲାଇନ୍ କୁଇଜ୍ । ଏହା ସମସ୍ତଙ୍କ ପାଇଁ ଭାରତରେ ଏକମାସ ଲାଗି ଉଦ୍ଦିଷ୍ଟ । ଏଥିରେ ୧୭ରୁ ୨୫ ବର୍ଷ ବୟସ୍କ ଯୁବବର୍ଗ ଅଂଶଗ୍ରହଣ କରିପାରିବେ । ଅନ୍ ଲାଇନ୍ କୁଇଜ୍ ଦ୍ୱାରା ଭାରତ ବ୍ୟାପି ୧୬ ଜଣ ପ୍ରତିଯୋଗୀଙ୍କୁ ଗ୍ରାଉଣ୍ଡ ରିଜିଓନାଲ୍ ଫାଇନାଲ୍ ପାଇଁ ଚୟନ କରାଯିବ । ଏହା ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା ଏବଂ ଲକ୍ଷ୍ନୌ ଆଦି ୪ଟି ସହରରେ ଅନୁଷ୍ଠିତ ହେବ । ୪ଜଣ ରିଜିଓନାଲ ବିଜେତା ନୂଆଦିଲ୍ଲୀର ଜାତୀୟସ୍ତରୀୟ ଫାଇନାଲରେ ଭାରତ ପ୍ରଥମ ଫ୍ୟାକ୍ଟ କୁଇଜାର୍ଡରେ ଅଂଶଗ୍ରହଣ କରିବେ । ଇଣ୍ଡିଆ ଫ୍ୟାକ୍ଟ କୁଇଜ୍-୨୦୨୦ର ରିଜିଓନାଲ ଫାଇନାଲ୍ ଏବଂ ଜାତୀୟସ୍ତରୀୟ ଫାଇନାଲ ଟେଲିଭିଜନରେ ପ୍ରସାରିତ ହେବ ।ବିଜେତାଙ୍କୁ ୨୦ ଲକ୍ଷ ଟଙ୍କା ଟେକ୍ ହାମ୍ପର ପୁରସ୍କାର ଭାବେ ପ୍ରଦାନ କରାଯିବ । ଏହା ମଧ୍ୟରେ ଲ୍ୟାପଟପ୍, ଟ୍ୟାବଲେଟ୍, ହେଡ୍ ଫୋନ୍, ପ୍ରିଂଟର, ସ୍ମାର୍ଟୱାଚ୍, ସ୍ମାର୍ଟ ସ୍ପିକର ଆଦି ରହିଛି । ସମସ୍ତ ଅନ୍‌ଲାଇନ୍ ପ୍ରତିଯୋଗୀଙ୍କୁ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବ । ଏବ ଂଅଧିକ ସ୍କୋରକାରୀଙ୍କୁ ଇଣ୍ଡିଆ ଫ୍ୟାକ୍ଟ କୁଇଜ୍ 'ହଲ୍ ଅଫ୍ ଫେମ୍' ଭାବେ ଅଭିହିତ କରାଯିବ ।

## ସିଟି କିଡସ ଓ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ "ରିସ୍ତେ - ୨୦୨୦"




କେନ୍ଦୁଝର, (ପିଏନ): ଶିକ୍ଷା ସହିତ ସମାଜର ସେବା ବିଦ୍ୟାର୍ଥୀର ଲକ୍ଷ୍ୟ ହେବା ଉଚିତ ବୋଲି ବହୁ ବିଶିଷ୍ଟ ବକ୍ତା ମତପୋଷଣ କରିଛନ୍ତି । କେନ୍ଦୁଝର ମାଇନିଂ ରୋଡଠାରେ ଥିବା ସିଟି କିଡସ ଓ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ "ରିସ୍ତେ - ୨୦୨୦" କେନ୍ଦୁଝର କାଳୀପଡିଆଠାରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଦ୍ୱୟର ପରିଚାଳନା ସମିତି ସଭାପତି ଅମରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ତଥା ବିଶିଷ୍ଟ ଲେଖକ ଡଃ ବିମ୍ବାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟ ଖୁବ କମ ଦିନରେ ସଫଳତା ପାଇପାରିଛି ବୋଲି କହିଥିଲେ । ସୁନାଗରିକ ଗଠନ ପାଇଁ ଗୁରୁଜୀ,ପିତାମାତା ସର୍ବୋପରି ସମାଜର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଗତିଶୀଳ ନାଗରିକ ମଞ୍ଚର ସଭାପତି ଧିରେନ୍ଦ୍ର ରାଉତ ବକ୍ତବ୍ୟ ପ୍ରଦାନ କରି ଶିଶୁ କଳିକାର ଯତ୍ନ ନେବାକୁ ନିବେଦନ କରିଥିଲେ । ବରିଷ୍ଠ ସାମ୍ବାଦିକ ମଳୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଲ ପାଠ ସହ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜିବ ବାରିକ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ମା' ତାରିଣୀଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅଧ୍ୟକ୍ଷ ଧୃବଚରଣ ମହାନ୍ତ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରେଷ୍ଠ ସିଟି କିଡସ ଛାତ୍ରୀ ଭାବେ ରିଣ୍ଡି ଟୁଡୁ ଏବଂ ଶ୍ରେଷ୍ଠ ଛାତ୍ର ଭାବେ ଆୟୁଷ ସାଇ ଅଭିନନ୍ଦନ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ସମାଜସେବା କ୍ଷେତ୍ରରେ ଯୋଗଦାନ ପାଇଁ ରେଖାରାଣୀ ମିଶ୍ର ଓ କୋରିଓଗ୍ରାଫର ମାଷ୍ଟର ଆର୍ଯ୍ୟନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ଫୁଡ ଫେଷ୍ଟିଭାଲରେ କୃତୀତ୍ୱ ଅର୍ଜନ କରିଥିବା ଅନୀତା ମିଶ୍ର,ସୁଶ୍ରୀ ପ୍ରିୟଙ୍କା ବିରାଟ,ପୁଷ୍ପାଞ୍ଜଳି ରାଉତ,ନମିତାରାଣୀ ମାଝୀ,ରୀତାରାଣୀ ସାହୁ, ସୁକାନ୍ତି ଖଣ୍ଡେଇ,ଶୁଭସ୍ମିତା ସାହୁ, ବାସୁମତୀ ମହାନ୍ତ ଓ ଇପସିତା ମହାନ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ପରେ ର୍‍ୟାମ୍ପ ସୋ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୋଟାକ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନୂଆ ନିବେଶକଙ୍କୁ ପରାମର୍ଶ "ଏସଆଇପିକୁ ବ୍ୟବହାର କରି ସଂପତି ସୃଷ୍ଟି କରନ୍ତୁ'




ଭୁବନେଶ୍ୱର: କୋଟାକ୍ ମହିନ୍ଦ୍ରା ଆସେଟ ମ୍ୟାନେଜମେଂଟ କଂପାନି ବା କୋଟାକ ମ୍ୟୁଚୁଆଲ ଫଣ୍ଡ ଯାହା ଗତବର୍ଷ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି ତାହା ଓଡ଼ିଶାରେ ଏହାର ବିତରଣ ନେଟୱର୍କକୁ ସଂପ୍ରସାରଣ କରୁଛି । ଏବଂ ଭୁବନେଶ୍ୱରରର ପ୍ରଥମ ଥର ଗ୍ରାହକଙ୍କୁ ଏହାର ବାର୍ତା ହେଉଛି ସିଷ୍ଟମେଟିକ ଇନଭେଷ୍ଟମେଂଟ ପ୍ଲାନ (ଏସଆଇପି) ଜରିଆରେ ସଂପତି ଗଠନ କରିବା ଶିଖନ୍ତୁ । ମ୍ୟୁଚୁଆଲ ଫଣ୍ଡ ଶିଳ୍ପର ଅଭିବୃଦ୍ଧି ସମ୍ପର୍କରେ ମନିଷ ମେହତା, ଜାତୀୟ ମୁଖ୍ୟ-ବିକ୍ରି ଓ ମାର୍କେଟିଂ, କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଂଟ କଂପାନି କହିଛନ୍ତି ଯେ, "ଭାରତର ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଅଭିବୃଦ୍ଧି ପଥରେ ରହିଛି ଏବଂ ନିବେଶକମାନଙ୍କ ମଧ୍ୟରେ ସିଷ୍ଟମେଟିକ ଇନଭେଷ୍ଟମେଂଟ ପ୍ଲାନ (ଏସଆଇପି)ର ଲୋକପ୍ରିୟତା ବଢ଼ିଚାଲିଛି । ଏସଆଇପି ହେଉଛି ଷ୍ଟକ ବଜାରରେ ନିବେଶ ପାଇଁ ଏକ ପ୍ରଭାବଶାଳୀ ଉପକରଣ ଯାହା କେବଳ ନିୟମିତ ଏବଂ ଶୃଙ୍ଖଳିତ ନିବେଶର ଅଭ୍ୟାସ ସୃଷ୍ଟି କରେ ନାହିଁ ବରଂ ଦୀର୍ଘମିଆଦୀ ଭିତିରେ ଷ୍ଟକ ବଜାର ଅସ୍ଥିରତା ସମୟରେ ଆପଣଙ୍କ ଟଙ୍କାକୁ ସୁରକ୍ଷିତ ରଖେ ।''ବର୍ତମାନ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ୩ କୋଟି ଏସଆଇପି ଖାତା ରହିଛି । କୋଟାକ୍ ମ୍ୟୁଚୁଆଲ ଫଣ୍ଡର ବଜାର ଅଂଶ ହେଉଛି ପାଖାପାଖି ୪.୫% । ଏସଆଇପିର ଲାଭ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଆମେ ବ୍ୟାପକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛୁ ଫଳରେ ତାହା ଭାରତରେ ଆର୍ଥିକ ସଂଚୟ ଅଭିବୃଦ୍ଧିକୁ ଯୋଗଦାନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି । ଓଡ଼ିଶାରେ ଶିଳ୍ପର ଏୟୁଏମରେ ୨୦୧୮-୧୯ ଆର୍ଥିକ ବର୍ଷରେ ୨୦%ରୁ ଅଧିକ ଅଭିବୃଦ୍ଧି ଘଟିଛି । କୋଟାକ ମ୍ୟୁଚୁଆଲ ଫଣ୍ଡ ଏବେ ଓଡ଼ିଶାର ୩ଟି ସ୍ଥାନରେ ରହିଛି ଯାହାକୁ ୧୯୦୦ରୁ ଅଧିକ ଚ୍ୟାନେଲ ପାର୍ଟନରଙ୍କ ସହଯୋଗ ରହିଛି । ଉତ୍ପାଦକତା ଓ ଦକ୍ଷତା ବଢ଼ାଇବା ଲାଗି ଏହା ନିଜର ବିତରଣ ପାର୍ଟନରଙ୍କ ପାଇଁ ଏକ ବିଜନେସ ହବ ପୋର୍ଟାଲ ଖୋଲିଛି ।

ଗ୍ରାହକଙ୍କ ବିପଦର ମାତ୍ରାକୁ ସୁହାଇବା ଭଳି କୋଟାକ ମ୍ୟୁଚୁଆଲ ଫଣ୍ଡର ବିଭିନ୍ନ ଉତ୍ପାଦ ରଣନୀତି ରହିଛି । ଏହି ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍କିମ୍ ବିଭିନ୍ନ ବର୍ଗରେ ରହିଛି ଯଥା କୋଟାକ ଷ୍ଟାଣ୍ଡାର୍ଡ ମଲଟିକ୍ୟାପ ଫଣ୍ଡ, କୋଟାକ ବ୍ଲୁଚିପ ଫଣ୍ଡ, କୋଟାକ ଇମର୍ଜି ଇକ୍ୱିଟି, କୋଟାକ ସ୍ମଲ କ୍ୟାପ ଓ କୋଟାକ ବାଲାନ୍ସ ଆଡଭାଟେଂଜ୍ ଫଣ୍ଡ ଯାହା ଗ୍ରାହକଙ୍କ ମଧ୍ୟରେ ବେଶ ଲୋକପ୍ରିୟ ।

## ଓରିଫ୍ଲେମ୍‌ର ଲଭ୍ ନେଚର୍ ରେଞ୍ଜ୍ ସହ ନିଜ ତ୍ୱଚା ଏବଂ ବିଶ୍ୱକୁ ଭଲ ପାଆନ୍ତୁ

ଭୂବନେଶ୍ୱର: ସ୍ୱିଡେନ୍‌ର ପ୍ରତ୍ୟକ୍ଷ ବିକ୍ରି ବିୟୁଟି ବ୍ରାଣ୍ଡ ଓରିଫ୍ଲେମ୍, ଏହାର ସ୍ଥାୟୀ ପଦକ୍ଷେପଗୁଡିକ ମାଧ୍ୟମରେ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ । ବ୍ରାଣ୍ଡର ବିଶ୍ୱ ପ୍ରତି ରହିଥିବା ଭଲ ପାଇବା ଓ ସମ୍ମାନକୁ ଏହାର ନୂତନ ଲଭ୍ ନେଚର୍ ରେଞ୍ଜ୍ ମାଧ୍ୟମରେ ସବୁଠାରୁ ଉନ୍ନତ ଉପାୟରେ ଉଲ୍ଲେଖ କରାଯାଇଛି । ଏହାର ନାମ ଦର୍ଶାଉଛି ଯେ, ଏହି ରେଞ୍ଜ୍‌ରେ ଉପଲବ୍ଧ ହେଉଥିବା ଉତ୍ପାଦଗୁଡିକ ପ୍ରକୃତିର ସୁଗୁଣରେ ଭରପୂର ଏବଂ ଏଗୁଡିକୁ ପ୍ରକୃତିକୁ ପୁଣିଥରେ ଫେରାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ଏହି ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଓରିଫ୍ଲେମ୍ ପକ୍ଷରୁ ଦୁଇଟି ନୂତନ ରେଞ୍ଜ୍ ଲଭ୍ ନେଚର୍ ଓଟ୍ ଆଣ୍ଡ ଗୋଜି ବେରି ଏବଂ ଲଭ୍ ନେଚର୍ ଆଲୋଭେରା ଆଣ୍ଡ କୋକୋନଟ୍ ୱାଟର୍‌ର ଶୁଭାରମ୍ଭ କରାଯାଇଛି । ଲଭ୍ ନେଚର୍ ରେଞ୍ଜ୍‌ରେ ରହିଥିବା ୫ଟି ନୂତନ ଉତ୍ପାଦ ହେଉଛି ରିଫ୍ରେସିଙ୍ଗ୍ କ୍ଲିଞ୍ଜିଙ୍ଗ୍ କ୍ରିମ୍, ରିଫ୍ରେସିଙ୍ଗ୍ ଟୋନର୍, ହାଇଡ୍ରେଟିଙ୍ଗ୍ ଫେସ୍ କ୍ରିମ୍, ସୁଥିଙ୍ଗ୍ ମିସେଲାର ୱାଟର୍ ଓ ନରିସିଙ୍ଗ୍ ଫେସ୍ କ୍ରିମ୍ । ଦୁଇଟି ଜୈବ ଉପାଦାନରେ ସମୃଦ୍ଧ ଏହି ଉତ୍ପାଦଗୁଡିକ ହାଇଡ୍ରେଟିଙ୍ଗ୍, ରିଫ୍ରେସିଙ୍ଗ୍, ସୁଥିଙ୍ଗ ଓ ନରିସିଙ୍ଗ୍ ହୋଇଥିବା ବେଳେ ଉତ୍ତମ ସୁଗନ୍ଧ ଓ ଗୁଣ ସହ ଏଗୁଡିକ ଏକ ମନମୁଗ୍ଧକାରୀ ଅନୁଭବ ପ୍ରଦାନ କରନ୍ତି । ଓରିଫ୍ଲେମ୍‌ର ଏହି ନୂତନ ରେଞ୍ଜ୍‌ର ମୂଲ୍ୟ ୧୮୭୫ ଟଙ୍କା ରହିଛି । ଆପଣଙ୍କ ପାଇଁ ଏବଂ ପୃଥିବୀ ପାଇଁ ଉପକାରୀ ଏହି ଉତ୍ପାଦଗୁଡିକ ପାରାବିନ୍ ଓ ସିଲିକନ୍ ମୁକ୍ତ ଅଟନ୍ତି । ଏହି ଉତ୍ପାଦଗୁଡିକୁ ପ୍ରାକୃତିକ ଭାବେ ଜୈବ-ବିଘଟନ ପାଇଁ ପ୍ରସ୍ତୁତ କରାଯାଇଛି ଯାହାଫଳରେ ସେଗୁଡିକ ପୃଥିବୀର ଜଳ ପ୍ରଣାଳୀକୁ ପ୍ରଦୂଷିତ କରିବେ ନାହିଁ । ଏଥିସହିତ ଓରିଫ୍ଲେମ୍ ଏହାର ସ୍କ୍ରବ୍ ଉତ୍ପାଦଗୁଡିକରେ ପ୍ଲାଷ୍ଟିକ୍ ମାଇକ୍ରୋବିଡ୍‌ସର ବ୍ୟବହାରକୁ ବ୍ୟାନ୍ କରିଥିବା ବେଳେ ଏଥିରେ ବାଦାମ ଚୋପା ଭଳି ପ୍ରାକୃତିକ ଏକ୍ସଫୋଲିଆଂଟ୍‌ସର ବ୍ୟବହାର କରୁଛି । ଏଭଳି କରିବା ଦ୍ୱାରା ବ୍ରାଣ୍ଡ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପରିମାଣକୁ ହ୍ରାସ କରିବା ସହ ସମୁଦ୍ର ଓ ସାମୁଦ୍ରିକ ଜୀବଗୁଡିକୁ ସୁରକ୍ଷା ପ୍ରଦାନ କରୁଛି । ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ଓରିଫ୍ଲେମ୍‌ର ରିଜୋନାଲ ମାର୍କେଟିଙ୍ଗ ବିଭାଗ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବୀନ ଆନନ୍ଦ କହିଛନ୍ତି ଯେ, "ଏହାର ୫୦ ବର୍ଷର ପରମ୍ପରା ମାଧ୍ୟମରେ ଓରିଫ୍ଲେମ୍ ସୁନ୍ଦର ଦେଖାଯିବା ଓ ସୁନ୍ଦର ଅନୁଭବ କରାଇବା ସହ ସୁନ୍ଦର କାର୍ଯ୍ୟ କରିବାରେ ମଧ ବିଶ୍ୱାସ ରଖିଆସିଛି ।






# ଗୋଦରେଜ୍ ପ୍ରୋଟେକ୍ଟ ପକ୍ଷରୁ ୧ ନିୟୁତ ହାଣ୍ଡୱାସ୍ ମାଗଣାରେ ବଂଟନ କରାଯିବ, ସାନିଟାଇଜର୍ ଦାମ୍‌ରେ ୬୬% ହ୍ରାସ ଘୋଷଣା

ଭୁବନେଶ୍ୱର: କୋଭିଡ୍-୧୯ ଭାରତରେ ଚିଂାଜନକ ସ୍ଥିତିରେ ପହଂଚିଯାଇଥିବା ବେଳେ ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଜିସିପିଏଲ୍)ର ସଂସ୍ଥା ଗୋଦରେଜ୍ ପ୍ରୋଟେକ୍ଟ ତରଫରୁ 'ପ୍ରୋଟେକ୍ଟ ଇଣ୍ଡିଆ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ କଂପାନି ଲୋକମାନଙ୍କ ମଧ୍ୟରେ କରୋନାକୁ ନେଇ ଗ୍ରହଣ କରାଯିବାକୁ ଥିବା ପ୍ରତିଷେଧକମୂଳକ ପଦକ୍ଷେପ ସଂକ୍ରା'ରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।ଏହି ଅଭିଯାନ ଅଧୀନରେ କଂପାନି ତରଫରୁ କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ରାଜ୍ୟ ମହାରାଷ୍ଟ୍ରରେ ୧ ନିୟୁତ ମିଷ୍ଟର ମ୍ୟାଜିକ ପାଉଡର-ଟୁ-ଲିକ୍ୱିଡ୍ ହାଣ୍ଡ୍‌ୱାସ୍‌ର ବଂଟନ ଆରମ୍ଭ କରାଯାଇଛି। ବ୍ରିହାନ ମୁମ୍ବାଇ ମୁନସିପାଲ କର୍ପୋରେସନ, ଥାନେ ମୁନିସପାଲ କର୍ପୋରେସନ ସହିତ କଂପାନି ଏଥିପାଇଁ ହାତ ମିଳାଇଛି ଏବଂ ମିଷ୍ଟର ମ୍ୟାଜିକ୍ ପ୍ୟାକେଟ୍ ଦାନ କରୁଛି। ମିଷ୍ଟର ମ୍ୟାଜିକ ହେଉଛି ହାତ ଧୋଇବା ଲାଗି ଏକ ଉତ୍ପାଦ ଯାହାର ଦାମ୍ ହେଉଛି ମାତ୍ର ୧୫ ଟଙ୍କା। ମୁନିସିପାଲିଟି ଓ ପୌର ସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ଶ୍ରମିକମାନଙ୍କ ହାତର ସ୍ୱଚ୍ଛତା ପାଇଁ କଂପାନି ଏହି ହାଣ୍ଡ୍‌ୱାସ୍ ମାଗଣାରେ ପ୍ରଦାନ କରୁଛି। ଏହି ପଦକ୍ଷେପ ସମ୍ପର୍କରେ ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଜିପିସିଏଲ୍)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା ନିସାବା ଗୋଦରେଜ୍ କହିଛନ୍ତି ଯେ, 'କରୋନା ବିଶ୍ୱ ମହାମାରୀକୁ ପ୍ରତିହତ କରିବା ଲାଗି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିବା ଲୋକ, ସ୍ୱାସ୍ଥ୍ୟ କର୍ମୀ, ସରକାରୀ କର୍ମଚାରୀ ଏବଂ ସମସ୍ତଙ୍କ ସହିତ ଜିପିସିଏଲ୍ ଠିଆ ହୋଇଛି। କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ହାଣ୍ଡୱାସ୍ ବଂଟନ କରିବା ଲାଗି ସହଯୋଗିତା ପାଇଁ ଆମେ ବିଏମସି ଓ ଟିଏମସିକୁ ଧନ୍ୟବାଦ ଦେଉଛୁ। ସେମାନେ ଦାୟିତ୍ୱ ନିର୍ବାହ କରିବା ବେଳେ ସେମାନଙ୍କ ପାଖରେ ଓ ତାଙ୍କ ପରିବାରରେ ଆମେ ମିଷ୍ଟର ମ୍ୟାଜିକ୍ ହାଣ୍ଡ୍‌ୱାସ୍ ପହଂଚାଉଛୁ। ଆଗାମୀ ଦିନରେ ୧ ନିୟୁତ ମିଷ୍ଟର ମ୍ୟାଜିକ ହାଣ୍ଡୱାସ ପ୍ୟାକେଟ ବଂଟନ କରିବା ଲାଗି ଆମେ ବିଭିନ୍ନ ସରକାରୀ ସଂସ୍ଥା ଓ ସାମାଜିକ ସଂଗଠନ ସହିତ କାର୍ଯ୍ୟ କରିବୁ। ଆମ ନାଗରିକମାନଙ୍କ ଆବଶ୍ୟକତାକୁ ସହାୟତା ଦେବା ଲାଗି ଆମେ ଆମର ସମସ୍ତ ଶକ୍ତିକୁ ବ୍ୟବହାର କରୁଛୁ। ତେଣୁ, ସାର୍ବଜନୀନ ସ୍ୱାର୍ଥକୁ ଦୃଷ୍ଟିରେ ରକି ଏବଂ ସରକାରଙ୍କ ନିୟମ ଅନୁସାରେ, ଆମେ ହାଣ୍ଡ ସାନିଟାଇଜର୍ ମୂଲ୍ୟରେ ୬୬% ହ୍ରାସ କରିଛୁ। ଏହି ବିଶ୍ୱ ମହାମାରୀକୁ ପରାହତ କରିବା ଲାଗି ସବୁ ଭାରତୀୟଙ୍କୁ ସୁରକ୍ଷିତ ଓ ସୁସ୍ଥ ରଖିବା ନିମର୍ନ୍ତେ ସହାୟତା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ।'' ବରିଷ୍ଠ ନାଗରିକମାନଙ୍କୁ ସହାୟତା କରିବା ଲାଗି ଗୋଦରେଜ୍ ପ୍ରୋଟେକ୍ଟ ତରଫରୁ ବିଭିନ୍ନ ଏନଜିଓ ସହିତ ସହଯୋଗିତା ସ୍ଥାପନ କରି ମିଷ୍ଟର ମ୍ୟାଜିକ୍ ପ୍ୟାକେଟ୍ ପ୍ରଦାନ କରାଯାଉଥିବା ବେଳେ ଲୋକମାନଙ୍କୁ ହାତ ଧୁଆର ଗୁରୁତ୍ୱ ବିଷୟରେ ସଚେତନ କରାଯାଉଛି। ଦେଶର ଆବଶ୍ୟକତା ପୂରଣ କରିବା ଲାଗି କଂପାନି ତରଫରୁ ପ୍ରୋଟେକ୍ଟ ବର୍ଗର ହାଣ୍ଡ ୱାସ୍ ଓ ସାନିଟାଇଜର୍ ଉତ୍ପାଦନକୁ ବୃଦ୍ଧି କରାଯାଇଛି। ଦେଶର ବିଭିନ୍ନ ସ୍ଥାନକୁ ଷ୍ଟକ ପଠାଇବାରେ କଂପାନିର ଟିମ୍ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି।

## ଡିସିବି ବ୍ୟାଙ୍କ କୋଭିଡ୍-୧୯ ମୁକାବିଲା ପାଇଁ ଆସନ୍ତା ତିନି ମାସରେ ୧ କୋଟି ଟଙ୍କା ବ୍ୟୟ କରିବ

ଭୁବନେଶ୍ୱର: କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ୨୩ ମାର୍ଚ୍ଚ ୨୦୨୦ରେ ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ ଡିସିବି ବ୍ୟାଙ୍କ ପକ୍ଷରୁ ଭାରତରେ ବ୍ୟାପୁଥିବା କୋଭିଡ୍-୧୯ର ମୁକାବିଲା କରିବା ଲାଗି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ର ଅଂଶ ଭାବେ ପଦକ୍ଷେପ ଗ୍ରହଣ କରିବା ଲାଗି ୧ କୋଟି ଟଙ୍କା ବ୍ୟୟ କରାଯିବାର ପ୍ରତିବଦ୍ଧତା ବିଷୟରେ ଘୋଷଣା କରାଯାଇଛି।ଭାରତରେ କୋଭିଡ୍-୧୯ର ମୁକାବିଲା କରିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଏଜେନ୍‌ସି ଓ ସହଯୋଗୀଙ୍କ ସହ ସଂପର୍କ ସ୍ଥାପନ କରାଯିବ। ସିଏସ୍‌ଆର୍ ଅଭିଯାନ ଜରିଆରେ ସମଗ୍ର ଭାରତୀୟ ସମାଜ ଏବଂ ଏହାର ଲୋକମାନଙ୍କ ସାମଗ୍ରିକ ଉନ୍ନତି ପାଇଁ ଡିସିବି ବ୍ୟାଙ୍କ ପ୍ରତିବଦ୍ଧ।

## ଗୋପାଳପୁର ବନ୍ଦର ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି



ଭୁବନେଶ୍ୱର: ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅଧୀନରେ ଆସୁଥିବାରୁ ଗୋପାଳପୁର ପୋର୍ଟସ୍ ଲିମିଟେଡ୍ (ଜିପିଏଲ୍)ରେ କାର୍ଯ୍ୟ ସ୍ୱାଭାବିକ ରହିଛି। ବର୍ଥରେ ମାଲ ପରିଚାଳନା ଜାରି ରହିଛି। କରୋନା-୧୯ ବ୍ୟାପିବାକୁ ରୋକିବା ଲାଗି ବନ୍ଦର ତରଫରୁ ସମସ୍ତ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଜାହାଜ ମହାନିର୍ଦ୍ଦେଶାଳୟ ଠାରୁ ଏହା ହାସଲ କରିଥିବା ନିୟମ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରୁଛି। ବନ୍ଦର ଭିତରକୁ ଆସୁଥିବା ଜାହଜଗୁଡ଼ିକର ପରିଚାଳନା କରିବା ବେଳେ ନିୟମିତ ବ୍ୟବଧାନରେ ବନ୍ଦର ମନ୍ତ୍ରଣାଳୟ ତରଫରୁ ଜାରି କରାଯାଉଥିବା ଏସ୍‌ଓପିକୁ ବନ୍ଦର ପାଳନ କରୁଛି। କର୍ମକ୍ଷେତ୍ରରେ ସୁରକ୍ଷିତ ପରିବେଶ ଲାଗି ବନ୍ଦର ପରିସରରେ ଚବିଶ ଘଂଟା ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜ୍ୟୁର୍ (ଏସ୍‌ଓପି)କୁ ବନ୍ଦର ପାଳନ କରୁଛି। ପରିଚାଳନାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଏମ୍ବାର୍କମେଂଟ୍/ଡିଏମ୍ବାର୍କମେଂଟ୍ ପାଇଁ ଜାହାଜର ମାଲ ବୋଝେଇ ଅଂଚଳରେ ଅ-ସଂକ୍ରାମକ ତରଳ (ସୋଡିୟମ ହାଇପୋ କ୍ଲୋରାଇଟ୍) ବ୍ୟବହାର କରାଯାଉଛି। କରୋନା ଭୂତାଣୁ ବ୍ୟାପିବାକୁ ରୋକିବା ଲାଗି କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବା ଉପରେ ଜିପିଏଲ୍ ସଚେତନ କରୁଛି। ନୋଭେଲ୍ କରୋନା ଭୂତାଣୁ ବ୍ୟାପିବା ପରଠାରୁ ବନ୍ଦର ତରଫରୁ ସବୁ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜାହଜରେ ରହି କରାଯାଉଥିବା ସବୁ ପ୍ରକାର କାର୍ଯ୍ୟ ଲାଗି ଶରୀରକୁ ସମ୍ପୂର୍ଣ୍ଣ ରୂପେ ସର୍ଜିକାଲ୍ ପ୍ରୋଟେକ୍ସନ ସୁଟ୍ ଘୋଡ଼େଇ କରାଯାଉଥିବା ବେଳେ ବର୍ଥ ଅଂଚଳ, ରେଲୱେ ସାଇଡିଂ, ପାର୍କିଂ ୟାର୍ଡ, ମୁଖ୍ୟ ଫାଟକ ଏବଂ ଅନ୍ୟାନ୍ୟ ଅଂଚଳରେ କାର୍ଯ୍ୟ କରୁଥିବା ବନ୍ଦରର କର୍ମଚାରୀମାନଙ୍କୁ କାମ ଆରମ୍ଭ କରିବା ପୂର୍ବରୁ ଓ ପରେ ଫେସ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର୍ ପ୍ରଦାନ କରାଯାଉଛି। ନିଜର ସମସ୍ତ କର୍ମଚାରୀ ଏବଂ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକ ଏକ ସୁରକ୍ଷିତ ଓ ସଂକ୍ରମଣ ମୁକ୍ତ ପରିବେଶ ପ୍ରଦାନ କରିବାକୁ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ପ୍ରତିବଦ୍ଧ ଏବଂ କୋଭିଡ୍-୧୯କୁ ରୋକିବା ଲାଗି ଏହା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହା ବନ୍ଦରର ପରିଚାଳନା ଚାଲୁ ରଖିବାକୁ ପ୍ରତିବଦ୍ଧ ରହିଛି ଏବଂ ତେଣୁ ଦେଶକୁ ଯୋଗାଣ ଜାରି ରଖିଛି।

## କୋଭିଡ୍-୧୯ ଲଢ଼େଇରେ ସହାୟତା ପାଇଁ ବାର୍ଷିକ ଲାଭର ୦.୨୫% ଦେବାକୁ ଏସ୍‌ବିଆଇ ପ୍ରତିବଦ୍ଧ

ଭୁବନେଶ୍ୱର: ଭାରତରେ କୋଭିଡ୍-୧୯ ବ୍ୟାପିବା କାରଣରୁ ସୃଷ୍ଟି ହୋଇଥିବା ସ୍ଥିତି ବିରୋଧରେ ଲଢ଼େଇ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷର ବାର୍ଷିକ ଲାଭର ୦.୨୫% ପ୍ରତି ପ୍ରଦାନ କରିବାର ପ୍ରତିବଦ୍ଧତା ବିଷୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଘୋଷଣା କରିଛି। କୋଭିଡ୍-୧୯ ବିରୋଧ ଲଢ଼େଇ ପାଇଁ ସିଏସ୍‌ଆର୍ ପାଣ୍ଠିର ଅର୍ଥକୁ ବିନିଯୋଗ କରାଯିବ। କୋଭିଡ୍-୧୯ ମୁକାବିଲା ପାଇଁ ସିଏସ୍‌ଆର୍ ପାଣ୍ଠିରୁ ହେଉଥିବା ଖର୍ଚ୍ଚକୁ ସିଏସ୍‌ଆର୍ ଖର୍ଚ୍ଚ ଭାବେ ବିବେଚନା କରାଯିବ ବୋଲି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ ଏହି ପଦକ୍ଷେପ ନେଇଛି।ବ୍ୟାଙ୍କ ପକ୍ଷରୁ ଏହି ପାଣ୍ଠିକୁ କୋଭିଡ୍-୧୯ ମୁକାବିଲା ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକଳାପ ଲାଗି ବ୍ୟବହାର କରାଯିବ, ବିଶେଷ କରି ଶିକ୍ଷ ଓ ସ୍ୱାସ୍ଥ୍ୟ ସେବା ବୃତିଧାରୀଙ୍କ ସହଯୋଗରେ ଉପେକ୍ଷୀତ ବର୍ଗର ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ସହାୟତା ପ୍ରଦାନ କରାଯିବ। କେତେକ ଅଭିଯାନ ସ୍ୱାସ୍ଥ୍ୟ ସେବାର ପ୍ରଚାରରେ କେନ୍ଦ୍ରୀତ ରହିବ ଯଥା ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ସେବା ଓ ପରିମଳ ଏବଂ ବିପର୍ଯ୍ୟୟ ପରିଚାଳନା।ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି ଯେ, 'ଏହା ହେଉଛି ସାରା ଦେଶ ଏକଜୁଟ ହେବାର ସମୟ। ଏହି କଠିନ ପରିସ୍ଥିତିରେ ଯଥା ସମ୍ଭବ ଶ୍ରେଷ୍ଠ ଉପାୟରେ ଭାରତର ଲୋକମାନଙ୍କୁ ଏବଂ ସମାଜକୁ ସହାୟତା ପ୍ରଦାନ କରିବା ଲାଗି ଆମେ ଏସବିଆଇରେ ସହାୟତା ଜାରି ରଖିବୁ। ସମସ୍ତ କର୍ପୋରେଟ୍ ନାଗରିକମାନଙ୍କୁ ଆଗେଇ ଆସିବା ଲାଗି ଆମେ ଆହ୍ୱାନ ଦେଉଛୁ ଏବଂ କେବଳ ସମସ୍ତ କର୍ମଚାରୀମାନଙ୍କ ପାଇଁ ନୁହେଁ ସେମାନଙ୍କ ପରିବାର ଏବଂ ଆଖପାଖରେ ରହୁଥିବା ଲୋକମାନଙ୍କ ନିମନ୍ତେ ସମସ୍ତ ପ୍ରକାରର ପ୍ରତିଷେଧମୂଳକ ପଦକ୍ଷେପ କରାଯିବ ଏବଂ ଏହି ଅଭାବନୀୟ ପରିସ୍ଥିତିରେ ଯେଉଁ ଦେଶବାସୀମାନେ ଆର୍ଥିକ ସହଯୋଗ ଆବଶ୍ୟକ କରୁଛନ୍ତି ସେମାନଙ୍କୁ ସହୃଦୟତାର ସହ ସେହି ସହଯୋଗ ଯୋଗାଇ ଦିଆଯିବ।''

# ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ୩୦ ଦିନିଆ ମାଗଣା ଭର୍ଚ୍ୟୁଆଲ୍ ଡାକ୍ତରୀ ପରାମର୍ଶ ମହାମାରୀ କୋଭିଡ୍-୧୯ ଲାଗି ଯୋଗାଇ ଦିଆଯିବ

ଭୁବନେଶ୍ୱର : ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ମହାମାରୀ କୋଭିଡ୍-୧୯ ସଂକ୍ରମଣରୁ ଦୂରେଇ ରହିବା ଲାଗି ଲୋକଙ୍କୁ ମାଗଣାରେ ଭର୍ଚ୍ୟୁଆଲ ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏପ୍ରିଲ୍ ୧୫ ପର୍ଯ୍ୟ' ଏହି ସୁବିଧା ଉପଲବ୍ଧ ହେବ। ଡାକ୍ତରୀ ପରାମର୍ଶ ପାଇଁ ନିଶୁଳ୍କ ୧୮୦୦-୧୦୩-୭୦୯୩ ନମ୍ବରରେ ଛୁଟି ଦିନ ବ୍ୟାତିତ ସପ୍ତାହର ସୋମବାରଠାରୁ ଶନିବାର ପର୍ଯ୍ୟ' ସକାଳ ୮ଟାଠାରୁ ରାତ୍ରି ୮ଟା ମଧ୍ୟରେ କଲ୍ କରିବାକୁ ପଡ଼ିବ। ସେହିପରି ଅନ୍ ଲାଇନ୍ ପିକରଣ ପାଇଁ ୯୦୨୯୦ ୯୬୧୮୬ରେ ମିସଡ୍ କଲ୍ କରିବାକୁ ହେବ। ଏହା ସହିତ www.vHealth.ioରେ ମଧ୍ୟ ଯୋଗାଯୋଗ କରାଯାଇପାରେ। କୋଭିଡ୍-୧୯ସଂକ୍ରମଣରୁ ଦୂରେଇ ରହିବା ଲାଗି ସାମାଜିକ ବ୍ୟବସ୍ଥାଠାରୁ ଦୂରତା ବଜାୟୀ ରଖିବା ପାଇଁ ବିଶ୍ୱବ୍ୟାପୀ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ ଘୋଷଣା ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଭି-ହେଲଥ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଦ୍ୱାରା ଲୋକଙ୍କୁ ପରାମର୍ଶ, ବିକଳ୍ପ ଚିକିତ୍ସା ପ୍ରଣାଳୀ, ଆଲୋଚନା, ଡାଇଗ୍ନୋଷ୍ଟିକ୍ ରିପୋର୍ଟ ଏବଂ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ସହଜରେ ଉପଲବ୍ଧ କରାଯାଇ ପାରିବ। ଏହା ହସ୍ପିଟାଲରେ ଥିବା ବ୍ୟକ୍ତି ବିଶେଷଙ୍କ ସହିତ ଘରେ ଥିବା ଲୋକଙ୍କୁ ମଧ୍ୟ ଆବଶ୍ୟକ ପରାମର୍ଶ ଦେବାକୁ ସକ୍ଷମ ହେବ। ଯାହାଦ୍ୱାରା ସମ୍ଭାବ୍ୟ ସଂକ୍ରମଣ ଆଶାଙ୍କାରୁ ସହଜରେ ଦୂରେଇ ରହିହେବ। ଏହି ଅବସରରେ ଏଟନା ଇଂଟରନ୍ୟାଶନାଲ୍‌ର ପପୁଲେଶନ ହେଲଥ୍ ସଭାପତି ଡ. ସ୍ନେହ ଖେମ୍‌କା କହିଲେ, ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କମ୍ପାନୀ ଭାବରେ ଜରୁରୀକାଳୀନ ପରିସ୍ଥିତିରେ ଆମେ ଭର୍ଚ୍ୟୁଆଲ୍ ସେବା ଯୋଗାଇ ଦେବାଲାଗି ପ୍ରତିଶ୍ରୁତିବଦ୍ଧ। ଏଭଳି ଏକ ସ୍ଥିତିରେ ସମାଜକୁ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଯୋଗାଇ ଦେବା ଆମର ପ୍ରଥମ କର୍ତବ୍ୟ। ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସେବା, ଡାଇଗ୍ନୋଷ୍ଟିକ୍, ପ୍ୟାଥୋଲୋଜି, ଡେଂଟାଲ୍ ଏବଂ ଫାର୍ମାସି ସେବା ଯୋଗାଇ ଦିଆଯାଇଥାଏ। ସମ୍ପ୍ରତି ଭାରତରେ ଭି-ହେଲଥ୍ ପକ୍ଷରୁ ୩ ନିୟୁତରୁ ଅଧିକ ପିକୃତ ସଦସ୍ୟଙ୍କୁ ସେବା ଯୋଗାଇ ଦିଆଯାଉଛି। ଏଟ୍ର ନେଟ୍ ପ୍ରମୋଟର ସ୍କୋର୍ +୬୫ ରହିଛି। ସୂଚନାଯୋଗ୍ୟ, ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଦେଶର ୫୦୦ରୁ ଅଧିକ ସହରରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ସେହିପରି ୨୦୧୮ ନଭେମ୍ବର ୨୮ରେ ଏଟନାକୁ ସିଭିଏସ୍ ହେଲଥ୍ ଅଧିଗ୍ରହଣ କରିଥିଲା। ସିଭିଏସ୍ ସୁସ୍ଥ ସ୍ୱାସ୍ଥ୍ୟ ଲାଗି ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେଇଥାଏ।

# କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ୧୦ ସବୁଠାରୁ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ନୀତା ଅମ୍ବାନି

ଭୁବନେଶ୍ୱର: ମୁମ୍ବାଇ ଇଣ୍ଡିଆନ୍ କ୍ରିକେଟ୍ ଟିମ୍ ଦଳର ମାଲିକାଣୀ ତଥା ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନି ୨୦୨୦ ପାଇଁ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୧୦ ଜଣ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଟେନିସ୍ ତାରକା ସେରେନା ୱିଲିୟମସ୍ ଓ ଜିମ୍ନାଷ୍ଟିକ୍ କ୍ରୀଡ଼ାବିତ ସିମୋନ ବାଇଲ୍‌ସଙ୍କ ନାମ ସହିତ ନୀତାଙ୍କ ନାମ ରହିଛି। କ୍ରୀଡ଼ା ବ୍ୟବସାୟ ନେଟୱର୍କ 'ଆଇସ୍ପୋର୍ଟସକନେକ୍ଟ' ପକ୍ଷରୁ ଏହାର 'କ୍ରୀଡ଼ାରେ ସବୁଠାରୁ ପ୍ରଭାବଶାଳୀ ମହିଳା'ର ୨୦୨୦ ତାଲିକାକୁ ପ୍ରକାଶ କରାଯାଇଛି ଓ କୁହାଯାଇଛି ଯେ ୨୫ ଜଣଙ୍କୁ ନେଇ ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ବିଶେଷଜ୍ଞ କମିଟିର ମତାମତ ମିଳିବା ପରେ ଶ୍ରେଷ୍ଠ ୧୦ ଜଣ ମହିଳାଙ୍କ ତାଲିକା ପ୍ରକାଶ କରିବାକୁ ନିଷ୍ପତି ହୋଇଥିଲା।କ୍ରୀଡ଼ା କ୍ଷେତ୍ରର ସବୁଠୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ଗଠନ କରାଯାଇଥିବା କମିଟିରେ ଟେଲ୍‌ଷ୍ଟ୍ରାର ଗ୍ଲୋବାଲ ସେଲସ୍ ହେଡ୍ ଆନ୍ନା ଲକ୍‌ଉଡ୍, ୱାଇ ସ୍ପୋର୍ଟସ୍‌ର ମ୍ୟାନେଜିଂ ପାର୍ଟନର୍ ତଥା ଓମେନ ଇନ ସ୍ପୋର୍ଟସ୍‌ର ପୂର୍ବତନ ଅଧ୍ୟକ୍ଷା ସେଲି ହାଙ୍କ୍, ଆଇସିସି ପାଇଁ ଗଣମାଧ୍ୟମ ସତ୍ୱାଧିକାରର ପୂର୍ବତନ ମୁଖ୍ୟ ଆରତି ଦେବାସ ଓ ଆଇସ୍ପୋର୍ଟସକନେକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀ ବର୍ମା ସଦସ୍ୟା ରହିଥିଲେ। ଆଇସ୍ପୋର୍ଟସ୍‌କନେକ୍ଟ ପକ୍ଷରୁ ନୀତା ଅମ୍ବାନିଙ୍କ ସଂକ୍ରା'ରେ କୁହାଯାଇଛି ଯେ, ନୀତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ ଦଳ ଆଇପିଏଲ ଇତିହାସରେ ସବୁଠୁ ସଫଳ ହୋଇପାରିଛି ଏବଂ ସେ ଦେଶର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ସହିତ ଜଡ଼ିତ ରହିଛନ୍ତି।ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ମହିଳାମାନେ ହେଉଛନ୍ତି ଜିମ୍ନାଷ୍ଟିକ୍ ଖେଳାଳୀ ସିମୋନ୍ ବାଇଲ୍‌ସ, ଫୁଟବଲ୍ ଖେଳାଳୀ ମେଗାନ ରାପିନୋ, ଟେନିସ ତାରକା ସେରେନା ୱିଲିୟମସ ଓ ନାଓମି ଓସାକା, ଫର୍ମୁଲା ୧ର ବିପଣନ ଓ ଯୋଗାଯୋଗ ନିର୍ଦ୍ଦେଶିକା ଏଲି ନୋରମାନ୍, ଡବ୍ଲୁଏନବିଏର କମିସନର କ୍ୟାଥି ଏଲେବର୍ଟ, ଫିଫାର ସେକ୍ରେଟାରି ଜେନେରାଲ ଫାତମା ସାମୋଉରା, ସ୍ପେସିଆଲ ଅଲିମ୍ପିକ୍ସର ସିଇଓ ମେରି ଡେଭିସ ଓ ଓମେନ୍‌ସ କ୍ରିକେଟ ଇସିବିର ପରିଚାଳନା ନିର୍ଦ୍ଦେଶିକା କ୍ଲେୟାର କନୋର୍।ନୀତା ଅମ୍ବାନି ୨୦୧୪ ଜୁନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବୋର୍ଡରେ ସାମିଲ ହୋଇଥିଲେ। ତାଙ୍କ ମାଲିକାନାରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ ଦଳ ଚାରି ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଟାଇଟଲ ଜିତିଛି। ଆଇସ୍ପୋର୍ଟସକନେକ୍ଟ ତରଫରୁ କୁହାଯାଇଛି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ଚୟନ କରାଯାଇଥିବା କ୍ରୀଡ଼ା କ୍ଷେତ୍ରର ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ଭାରତୀୟ ଟେନିସ ଖେଳାଳୀ ସାନିଆ ମିର୍ଜା ଓ ଭାରତୀୟ ମହିଳା କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟିକା ମିତାଲି ରାଜଙ୍କ ନାମ ଥିଲା।

# ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ଲାଟିନମ୍ ଇଭାରାର 'ନଟ୍ ସୋ ଆଇଡିଅଲ୍' ଅଭିଯାନ

ଭୁବନେଶ୍ୱର: ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ଲାଟିନମ୍ ଇଭାରା ପକ୍ଷରୁ ଆଜିର ବଧୂମାନଙ୍କ ପାଇଁ ଉତ୍ସବ ପାଳନ କରିବାକୁଯାଇ ଏହାର ନୂତନ ଅଭିଯାନ 'ନଟ୍ ଆନ ଆଇଡିଅଲ୍ ବ୍ରାଇଡ୍ ଅଭିଯାନ ଆରମ୍ଭ କରିଛି। ଉକ୍ତ ଅଭିଯାନ ମାଧ୍ୟମରେ 'କାହିଁକି ଜଣେ ବଧୂ ବିବାହ ପରେ ସମାଜରେ ଜଣେ ଆଦର୍ଶ ବୋହୁ ଭାବେ ନିଜକୁ ଫିଟ୍ କରିବା ପାଇଁ ନିଜ ବିଶ୍ୱାସ ଓ ମୂଲ୍ୟବୋଧକୁ ହରାଇବା କିମ୍ବା ସାଲିସ୍ କରିବା ଉଚିତ ନୁହେଁ' ସେସମ୍ପର୍କିତ ଏକ କଠୋର ପ୍ରସଙ୍ଗକୁ ସାମ୍ନାକୁ ଆଣିଛି। 'ନଟ୍ ଆନ୍ ଆଇଡିଅଲ୍ ବ୍ରାଇଡ୍ ଏକ ଅସାଧାରଣ ଅଭିଯାନଭାବେ ସାମ୍ନାକୁ ଆସିଛି ଯାହାକି ସେହି ବଧୁମାନଙ୍କୁ ପ୍ରୋତ୍ସାହିତ ଓ ସେଲିବ୍ରେଟ୍ କରୁଛି ଯିଏ ନିଜର ମୂଲ୍ୟବୋଧକୁ ଧରିରଖିବା ସହ ତାହାକୁ ସାଥିରେ ନେଇ ନିଜର ନୂଆ ଜୀବନରେ ଆଗକୁ ବଢିଥାି। ଏହା ଉକ୍ତ ମହିଳାମାନଙ୍କୁ ଉତ୍ସର୍ଗୀତ ଯିଏ ସମାଜ ଦ୍ୱାରା 'ନଟ୍ ଆନ୍ ଆଇଡିଅଲ୍ ବ୍ରାଇଡ୍ କୁହାଗଲେ ମଧ୍ୟ ତାହାକୁ ଅଣଦେଖା କରି ବିବାହ ପରେ ନିଜ ପ୍ରତି ବାସ୍ତବ ଓ ସଚ୍ଚୋଟ ରହିବାର ବିରଳ ପଥକୁ ବାଛିଛନ୍ତି। ଏହାର ପ୍ରତ୍ୟେକ ପିସ୍‌ଗୁଡିକରେ ବିଭିନ୍ନ ଆକର୍ଷଣୀୟ ଡିଜାଇନ୍ ଏଲିମେଂଟ୍ ରହିଛି ଏବଂ ଏହି କଲେକ୍ସନର ପ୍ରତ୍ୟେକ ପିସ୍ ହେଉଛି ନାରୀତ୍ୱର ଏକ ପ୍ରକୃତ ଉତ୍ସବ ! ପ୍ରତ୍ୟେକ ଝିଅ ମନରେ ନିଜର ସ୍ୱପ୍ନ, ଲକ୍ଷ୍ୟ ଓ ଆକାଂକ୍ଷାକୁ ପୋଷଣ କରି ମୌଳିକ ନୀତିଆଦର୍ଶ ସହ ବଡ ହୋଇଥାନ୍ତି। କିନ୍ତୁ ଥରେ ବିବାହ ହୋଇଯିବା ପରେ ତାଙ୍କଠାରୁ ସାଲିସ୍ କରିବା ପାଇଁ, ନିଜର ମୂଲ୍ୟବୋଧ, ସ୍ୱପ୍ନ ଓ ବ୍ୟକ୍ତିତ୍ୱକୁ ତ୍ୟାଗ କରି ନିଜର ନୂଆ ଜୀବନ ଓ ଦାୟିତ୍ୱ ଉପରେ ଧ୍ୟାନ ଦେବା ପାଇଁ ଆଶା ରଖାଯାଇଥାଏ। ଯାହା ପୂର୍ବରୁ ମୂଲ୍ୟବୋଧ ଥିଲା ବର୍ତମାନ ତାହାକୁ ଏକ ଖରାପ ଆଚରଣ ଭାବେ ଦେଖାଯାଇଥାଏ। 'ନଟ୍‌ଆନ୍‌ଆଇଡିଅଲ୍‌ବ୍ରାଇଡ୍ ଏଭଳି ଚିଂାଧାରା ଓ ଦୃଷ୍ଟିକୋଣକୁ ଚ୍ୟାଲେ କରିଥାଏ ଏବଂ ପ୍ଲାଟିନମ୍ ଇଭାରା ସହିତ ଆଧୁନିକ ଭାରତୀୟ ବଧୂଙ୍କୁ ଏକ ନୂଆ ଜୀବନ ବଂଚିବାର ସୁଯୋଗ ଦେଇଥାଏ। ଏହି ଅଭିଯାନର ଅଂଶ ଭାବେ ବ୍ରାଣ୍ଡ ପକ୍ଷରୁ ମାଇକ୍ରୋସାଇଟ୍ ରୂପରେ ଏକ ନୂତନ ଉଦ୍ଭାବନର ଉନ୍ମୋଚନ କରାଯାଇଛି ଯେଉଁଠାରେ ବଧୂ ହେବାକୁ ଯାଇଥିବା ମହିଳା ଏହା ସହ ଜଡିତ ହେବା ସହିତ ବିବାହ ପରେ ସମାଜ ତାଙ୍କୁ ଓ ତାଙ୍କ ମୂଲ୍ୟବୋଧକୁ କିଭଳି ମାନ୍ୟତା ଦେବ ତାହା ଆବିଷ୍କାର କରିପାରିବେ।

# ସୁନ୍ଦରଗଡ଼ ଜିଲ୍ଲାରେ କରୋନା ମୁକାବିଲା ପାଇଁ ଜନସାଧାରଣଙ୍କୁ ଜିଲ୍ଲାପାଳଙ୍କ ଆହ୍ୱାନ



ସୁନ୍ଦରଗଡ: କରୋନା ଭାଇରସ୍ ସଂକ୍ରମଣର ଭୟାବହତାକୁ ରୋକିବା ପାଇଁ ସବୁଠାରୁ ବଡ଼ ରାସ୍ତା ହେଉଛି ସାମାଜିକ ଦୂରତା। ଏଥିପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଓ ରାଉରକେଲା ସମେତ ୮ଟି ସହରରେ ଆଠଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିରେ ପୂର୍ଣ୍ଣ ସହଯୋଗ କରିବାକୁ ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।ଜିଲ୍ଲାପାଳ କହିଛନ୍ତି ଯେ, ରବିବାର ଦିନ ସାରା ଦେଶରେ ଜନତା କର୍ଫ୍ୟୁ ପାଳନ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ବାସୀ ସହଯୋଗ କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାଜ୍ୟରେ ଜାରି କରାଯାଇଥିବା ଆଠଦିନିଆ ଲକ୍‌ଡାଉନ୍‌କୁ ସେହିଭଳି ଗୁରୁତ୍ୱର ସହ ପାଳନ କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। କରୋନା ନିୟନ୍ତ୍ରଣ ଲାଗି ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ମାର୍ଚ୍ଚ ୨୨ ତାରିଖ ସକାଳ ୭ଟାରୁ ୨୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ରାଜ୍ୟର ୫ଟି ଜିଲ୍ଲା ଓ ୮ଟି ସହରରେ ନିଅର୍ ଟୋଟାଲ୍ ଲକଡାଉନ୍ ଘୋଷଣା କରାଯାଇଛି। ତା' ଭିତରେ ରହିଛି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସହର। ଏହି ସମୟରେ ଡାକ୍ତରଖାନା, ବସଷ୍ଟାଣ୍ଡ ଏବଂ ଏୟାରପୋର୍ଟ ଯିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକଙ୍କୁ ଛଡ଼ାଯିବ। ତେବେ ଏହାଛଡ଼ା ସହରରେ ଅନ୍ୟ କୌଣସି କାମ ପାଇଁ ଲୋକଙ୍କୁ ଯିବା ଆସିବା ଉପରେ ପୋଲିସ୍ କଟକଣା ଲଗାଯାଇଛି। ତେଣୁ ରାଉରକେଲା ବାସୀ ଏହି ସମୟରେ ଘରୁ ନ ବାହାରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।କରୋନା ଭାଇରସର ବ୍ୟାପକ ସଂକ୍ରମଣ ଉପରେ ରୋକ୍ ଦେବାକୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ତେଣୁ କେବଳ ରାଉରକେଲା କାହିଁକି ସମଗ୍ର ଜିଲ୍ଲାରେ ଲୋକେ ନିଜ ନିଜ ଘରେ ରହିଲେ ହିଁ ନିଜ ପରିବାର, ଗାଁ ଓ ସହର ସହିତ ସାରା ଓଡ଼ିଶା ସୁରକ୍ଷିତ ରହିବ। କରୋନାକୁ ରୋକିବା ପାଇଁ ଆଗାମୀ କିଛି ଦିନ ଆମକୁ ଏଭଳି ସାମାଜିକ ଦୂରତା ବଜାୟ ରଖିବାକୁ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ତେବେ ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଯେପରିକି ଔଷଧ, ଖାଦ୍ୟ ସାମଗ୍ରୀ, ପନିପରିବା, କ୍ଷୀର, ଫଳ ଓ ମାଛ ମାଂସ ଆଦି ଦୋକାନ ଖୋଲା ରହିବ। ତେଣୁ କୌଣସି ପ୍ରକାର ଭୟଭୀତ ନହୋଇ ସଂଯମ ଆଚରଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।ଏହି ଲକ୍‌ଡାଉନ୍ ସମୟରେ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ତେଣୁ କୌଣସି ବ୍ୟକ୍ତି ବା ବ୍ୟବସାୟିକ ଅନୁଷ୍ଠାନ ଏହି ନିୟମକୁ ପାଳନ ନକଲେ ପ୍ରଶାସନ ବାଧ ହୋଇ ଆଇନ୍ ଅନୁଯାୟୀ କାର୍ଯାନୁଷ୍ଠାନ ନେବ।ଯଦି ଆପଣଙ୍କ ଗାଁ ବା ସହରରେ କେହି ନିକଟରେ ବିଦେଶରୁ ଆସି ପହଂଚିଥାନ୍ତି ତେବେ ଭୟଭୀତ ନହୋଇ ପ୍ରଶାସନକୁ ସେ ବିଷୟରେ ତୁରନ୍ତ ଜଣାନ୍ତୁ। ପ୍ରଶାସନ ଡାକ୍ତରୀ ଟିମ୍ ପଠାଇ ସେ ବାବଦରେ ଆବଶ୍ୟକ ପଦକ୍ଷେପ ନେବ।ସେହିପରି ଯଦି କାହାଠାରେ କରୋନା ଭଳି ଲକ୍ଷଣ ଦେଖାଦିଏ ତେବେ ତୁରନ୍ତ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪କୁ କଲ୍ କରନ୍ତୁ।

# ମଂଚେଶ୍ୱରରେ ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର: ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ସ୍ଥାନୀୟ ମଂଚେଶ୍ୱରଠାରେ ଏହାର ଏକ ନୂତନ ବ୍ୟାଙ୍କିଙ୍ଗ୍ ଶାଖାର ଉଦ୍‌ଘାଟନ କରିଛି। ଏହିଶାଖା ସହ ରାଜ୍ୟରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ୧୫ରେ ପହଂଚିଛି। ବ୍ୟାଙ୍କର ସମ୍ପ୍ରସାରଣ ଯୋଜନା ଅଧୀନରେ ଏହା ନିଜର ବର୍ତ୍ତମାନର ଆସେଟ୍ ସେଂଟର୍‌ଗୁଡିକୁ ବ୍ୟାଙ୍କର ଶାଖାଗୁଡିକରେ ପରିଣତ କରିବ ଏବଂ ମାର୍ଚ୍ଚ ୨୦୨୧ ସୁଦ୍ଧା ୫୫୦ ଶାଖାରେପହଂଚିବ।ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଜିରୋ ବାଲାନ୍ସ ସେଭିଙ୍ଗ୍ ଆକାଉଂଟ୍, ଆକର୍ଷଣୀୟ ସୁଧ ହାର ସହିତ ସ୍ଥାୟୀ ଜମା, ବନ୍ଧକମୁକ୍ତ ଋଣ ଓ ସୁଲଭ ଗୃହ ଋଣ ଯୋଜନା ଭଳି ବିଭିନ୍ନ ଉତ୍ପାଦ ମାଧ୍ୟମରେ ଏହାର ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। 'ପୈସେ କି କଦର' ପ୍ରତିଶ୍ରୁତି ପ୍ରତି ବାସ୍ତବ ରହି ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଏହାର ଗ୍ରାହକଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଗୁରୁତ୍ୱ ଦେବା ସହ ଦେଶର କୋଣଅନୁକୋଣରେ ନିଜର ଉପସ୍ଥିତି ବୃଦ୍ଧି କରିବାକୁ ଯାଉଛି। ଭାରତରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ନିଜର ୩୦୨ ଶାଖା ଓ ୨୫୦ ଆସେଟ୍ ସେଂଟର୍‌ରେ ୧୫୦୦୦ରୁ ଅଧିକ କର୍ମଚାରୀଙ୍କ ମାଧ୍ୟମରେ ୪୦ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ଏହି ଶାଖାର ଉଦ୍‌ଘାଟନ କରି ମୁଖ୍ୟ ଅତିଥି, ନାବାର୍ଡ଼ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁବିର କୁମାର ମିତ୍ର କହିଛନ୍ତିଯେ, 'ଜନାସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଗତ ୬ ବର୍ଷଧରି ଓଡ଼ିଶାରେ ମହିଳା ବ୍ୟାଙ୍କ ଅଧିନରେ କାର୍ଯ୍ୟକରିଆସୁଛି। ଏହି ଶାଖାର ଶୁଭାରମ୍ଭ ସହିତ ଜନା ବ୍ୟାଙ୍କ ପାଖରେ ବର୍ତ୍ତମାନ ଓଡ଼ିଶାର ଅଣ୍ଡର ବ୍ୟାଙ୍କଡ଼୍ ନାଗରିକଙ୍କୁ ସେବା ଯୋଗାଇ ଦେ ବା ପାଇଁ ସୁଯୋଗ ରହିଛି। ମୁଁ ଆଜି ଏହି ବ୍ୟାଙ୍କର ଯାତ୍ରାରେ ସାମିଲ ହୋଇଥିବାରୁ ଅତ୍ୟନ୍ତ ଉତ୍ସାହିତ ଏବଂ ଭବିଷ୍ୟତର ଉନ୍ନତି ପାଇଁ ମୁଁ ଏହି ବ୍ୟାଙ୍କକୁ ଶୁଭେଚ୍ଛା ଜଣାଉଛି।'

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray